
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୩ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 February 2026
Vol.No. 36 ■ No.51 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ନମୋ ଭାରତ ଓ ମିରଟ ମେଟ୍ରୋର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୨/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନ ୧୨:୩୦ରେ ଶତାବ୍ଦୀ ନଗର ଷ୍ଟେସନରୁ ବହୁ ପ୍ରତୀକ୍ଷିତ ନମୋ ଭାରତ ଆଞ୍ଚଳିକ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ (ଆରଆରଟିଏସ୍) ଏବଂ ମିରଟ ମେଟ୍ରୋକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଏହି ସେବାକୁ ଉଦଘାଟନ କରିବା ସହ ନମୋ ଭାରତ ଟ୍ରେନରେ ବସି ମିରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ସେ ଯାତ୍ରା କରିଛନ୍ତି । ଏହି ସମୟରେ ସ୍କୁଲ ପିଲା ଓ ଅଧିକାରୀଙ୍କ ସହିତ ମୋଦୀ ଆଲୋଚନା ମଧ୍ୟ କରିଛନ୍ତି। 'ଆରଆରଟିଏସ୍'କୁ ପତାକା ଦେଖାଇବା ପରେ, ପ୍ରଧାନମନ୍ତ୍ରୀ ଦେଶରେ ମେଟ୍ରୋ ନେଟୱାର୍କର ସମ୍ପ୍ରସାରଣରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ । ୨୦୧୪ ପୂର୍ବରୁ, ଭାରତରେ ମେଟ୍ରୋ ସମ୍ପ୍ରସାରଣ ବହୁତ ଧୀର ଥିଲା। କଂଗ୍ରେସ ସରକାର ସମୟରେ, କେବଳ ପାଞ୍ଚଟି ସହରରେ ମେଟ୍ରୋ ଚାଲୁଥିଲା । ବିଜେପି ସରକାର ସମୟରେ, ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି,' ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କ ମଧ୍ୟ ନିର୍ମାଣ କରିଛି । ଗତ ୧୦-୧୧ ବର୍ଷ ମଧ୍ୟରେ, ମେଟ୍ରୋଗୁଡ଼ିକ ଡଜନ ଡଜନ ସହରରେ ପହଞ୍ଚିଛି, କାରଣ ବିଜେପି ସରକାର ନାଗରିକମାନଙ୍କୁ ସୁବିଧାଜନକ, ଦ୍ରୁତ ଏବଂ ପ୍ରଦୂଷଣମୁକ୍ତ ପରିବହନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ସେ ଆହୁରି କହିଛନ୍ତି, କିଛି ସମୟ ପୂର୍ବରୁ ମୁଁ ମେରଠ ମେଟ୍ରୋରେ ଯାତ୍ରା କରିଥିଲି। ଯାତ୍ରା ସମୟରେ, ମୁଁ ଅନେକ ସ୍କୁଲ ଓ କଲେଜ ଛାତ୍ର ଏବଂ ଅନ୍ୟାନ୍ୟ ଯାତ୍ରୀଙ୍କ ସହ ଭାବ ବିନିମୟ କରିଥିଲି। ଲୋକମାନେ ପୁରୁଣା ଦିନଗୁଡ଼ିକୁ ମନେ ପକାଇଥିଲେ, ବିଶେଷକରି ମହିଳା ଯାତ୍ରୀମାନେ ମୋତେ କହିଥିଲେ ଯେ କିଛି ବର୍ଷ ପୂର୍ବେ ସନ୍ଧ୍ୟା ସୁଦ୍ଧା ସମଗ୍ର ରୁଟ୍ ନିର୍ଜନ ହୋଇଯାଉଥିଲା, ଯାହା ଭୟର ପରିବେଶ ସୃଷ୍ଟି କରୁଥିଲା, କିନ୍ତୁ ବର୍ତ୍ତମାନ କେଉଁଆଡ଼େ ବି ଯାତ୍ରା କରିବା ପାଇଁ ଭୟ ଲାଗୁନି। ମିରଟ ମେଟ୍ରୋ, ଦେଶର ସବୁଠାରୁ ଦ୍ରୁତତମ ମେଟ୍ରୋ ସେବା। ଆଜିଠାରୁ ମୋଦୀପୁରମରୁ ଦକ୍ଷିଣ ମିରଟ ପର୍ଯ୍ୟନ୍ତ ଯାତ୍ରା କରିବ, ଯାହା ୧୨ଟି ଷ୍ଟେସନରେ ବିସ୍ତୃତ ୨୩ କିଲୋମିଟର ଟ୍ରାକକୁ କଭର କରିବ। ପ୍ରାୟ ୧୩,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ, ମିରଟ ମେଟ୍ରୋ ସମଗ୍ର ଯାତ୍ରାକୁ ମାତ୍ର ୩୦ ମିନିଟ୍ ମଧ୍ୟରେ କଭର କରିବ। ଏହାର ସର୍ବାଧିକ ଘଣ୍ଟା ପ୍ରତି ବେଗ ୧୨୦ କିଲୋମିଟର ରହିବ। ଯଦି ଆମେ ଏହାର ଟିକେଟ୍-ଫି କଥା କହିବା ତେବେ ଏଥିରେ ଯାତ୍ରା କରିବା ପାଇଁ ୧୦ଟଙ୍କାରୁ ୫୦ଟଙ୍କା ମଧ୍ୟରେ ଭଡ଼ା ଦେବାକୁ ପଡ଼ିବ।

## ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ ଶିଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ

ଭୁବନେଶ୍ୱର, ୨୨/୨ (ନି.ପ୍ର): ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ ଶିଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ। ୮ଗୋଟି ଗ୍ରାମର ଜମି ଅଧିଗ୍ରହଣ କରିବେ ସରକାର। ଗୋପାଳପୁରରୁ ସାତପଡ଼ା ମଧ୍ୟରେ ଏନଏଚ ହେବ ସଂଯୋଗ। ଜହ୍ନିକୁଦାରୁ ସାତପଡାରେ ଚିଲିକା ଉପରେ ଦୁଇ ଲେନ୍ ବିଶିଷ୍ଟ ବୃହତ ଅତ୍ୟାଧୁନିକ ସେତୁ ହେବ ନିମାଣ। ଏନଏଚ ସଂଯୋଗୀକରଣ ନିର୍ମାଣ ମଧ୍ୟରେ ଆସୁଥିବା ଆଠଟି ଗ୍ରାମ ଅର୍ଥାତ୍ ବ୍ରହ୍ମଗିରି ତହସିଲର ତିନୋଟି ଗ୍ରାମ ଏବଂ କୃଷ୍ଣପ୍ରସାଦ ତହସିଲର ପାଂଚଟି ଗ୍ରାମକୁ ନେଇ ଚିଲିକା ହ୍ରଦ ଉପରେ ମିସିଙ୍ଗ୍ ଲିଙ୍କ୍ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଖୁବ୍ ଶିଘ୍ର ଆରମ୍ଭ ହେବା ନେଇ ଏନଏଚଏଆଇକୁ ଚିଠି ଲେଖିଲେ ପୁରୀ ଜିଲ୍ଲାପାଳ। ବ୍ରହ୍ମଗିରି ତହସିଲର ସାତପଡ଼ା, ଆଲୁପାଟଣା, ଗୋପୀନାଥପୁର ପାଟଣା ଏବଂ କୃଷ୍ଣପ୍ରସାଦ ତହସିଲର ବ୍ରହ୍ମପୁର, ଭବାନୀପୁର, ମାଁସା, ପାରଳା, ଜାନହିକୁଡା ଗ୍ରାମ ପାଇଁ ଜମି ଅଧିଗ୍ରହଣ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ବିଜ୍ଞପ୍ତି ଯଥାଶୀଘ୍ର ପ୍ରକାଶ କରାଯାଇପାରେ।

## ରାଜ୍ୟରେ କମୁନି ବାଲ୍ୟ ବିବାହ : ଅନ୍ଧାର ହେଉଛି ପିଲାଙ୍କ ଭବିଷ୍ୟତ, ପୁଅଙ୍କ ତୁଳନାରେ ଆଗରେ ଝିଅ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଆଜି ଟେକ୍ନୋଲୋଜି ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଗ୍ରଗତି ହେଉଛି । ସବୁପରେ ବି ଲୋକେ ସଚେତନ ହେଉନାହାନ୍ତି । ପାଠ ପଢ଼ିବା, କ୍ୟାରିୟର ଗଢ଼ିବା ପୂର୍ବରୁ ପିଲାମାନଙ୍କର ବାଲ୍ୟ ବିବାହ କରିଦେଉଛନ୍ତି ପରିବାର ଲୋକେ । ଭୁବନେଶ୍ୱର ସମେତ ରାଜ୍ୟରେ ଏକାଧିକ ଜିଲ୍ଲାରେ ବାଲ୍ୟ ବିବାହ ଧରାପଡ଼ିବା ପରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ରାଜଧାନୀ ଭୁବନେଶ୍ୱରର ଓଲଡ ଟାଉନ ଅଞ୍ଚଳରେ ଜଣେ ୧୬ ବର୍ଷୀୟା ଝିଅ ସହ ୪୫ ବର୍ଷିୟ ପୁରୁଷର ବାଲ୍ୟ ବିବାହ ହେଉଥିଲା । ଖବର ପାଇ ସ୍ୱେଚ୍ଛାସେବୀ ସଂଗଠନ ଓ ପୁଲିସ ଚଢ଼ାଉ କରି ବିବାହ ରୋକିଛି । ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର ସମେତ, ନୟାଗଡ଼, ଢେଙ୍କାନାଳ, ନବରଙ୍ଗପୁରରେ ୪ଟି ବାଲ୍ୟ ବିବାହ ଧରାପଡିଛି । ଢେଙ୍କାନାଳ ଭୁବନ ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ବିବାହ ବନ୍ଦ କରିଛି ପୁଲିସ। ନନ୍ଦପୁର ଗାଁର ଜଣେ ୧୬ ବର୍ଷୀୟ ନାବାଳିକା ସହ ଖଣ୍ଡପଡା ଅଂଚଳର ଜଣେ ୧୮ ବର୍ଷୀୟ ପୁଅର ବିବାହ ହେଉଥିଲା ସେପଟେ ନବରଙ୍ଗପୁର ସଦର ବ୍ଲକ ଅଂଚଳର ଏକ ଚର୍ଚ୍ଚରେ ନାବାଳିକାଙ୍କ ବିବାହ ଚାଲିଥିଲା। ଭୋଜିଭାତ ବି ସରିଥିଲା ଶେଷ ମୂହୁର୍ତ୍ତରେ ପୁଲିସ ପହଞ୍ଚି ବିବାହ ବନ୍ଦ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ସାରା ରାଜ୍ୟରେ ଏବେ ବାଲ୍ୟ ବିବାହ ପ୍ରଥା ହୁ ହୁ ହେଇ ବଢ଼ିବାରେ ଲାଗିଛି । ଏବେ ବି ଅଧିକାଂଶ ଜିଲ୍ଲାରେ ବାଲ୍ୟ ବିବାହ ହେଉଛି । ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୨ ଜିଲ୍ଲାରେ ବାଲ୍ୟ ବିବାହ ହାର ଜାତୀୟ ହାରଠୁ ଅଧିକ ରହିଛି ।

◆◆ପୃଷ୍ଠା ୭

## ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ, ଗଠନ ହୋଇନି କାଉନ୍ସିଲ୍: କେମିତି ଖର୍ଚ୍ଚ ହେବ ୫୦୦ କୋଟି ?

ଭୁବନେଶ୍ୱର, ୨୩/୨ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଚଳିତ ବଜେଟ୍‌ରେ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ସରକାର । ହେଲେ ଏହି ଟଙ୍କା ଖର୍ଚ୍ଚ କରିବ କିଏ ? ଗତ ଦେଢ ବର୍ଷ ଧରି ଅଧ୍ୟକ୍ଷ ନିଯୁକ୍ତ କରାଯାଇନାହିଁ । ବଜେଟ ଘୋଷଣା କରି ସରକାର ବାହାବା ନେଉଛନ୍ତି ହେଲେ ଖର୍ଚ୍ଚ କେମିତି ହେବ ଓ କିଏ କରିବ ତାହାର ଦାୟିତ୍ୱ କାହାକୁ ଦେଉନାହାନ୍ତି । ଏଥର ବଜେଟ୍‌ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଅର୍ଥ ବ୍ୟୟବରାଦ ପରେ ବଢିଛି ଚର୍ଚ୍ଚା । କାରଣ, ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ହୋଇନାହାନ୍ତି କି ଜନ ପ୍ରତିନିଧିଙ୍କୁ ନେଇ କାଉନସିଲ୍ ଗଠନ ହୋଇନି । ଦୁଇ ଜଣ ବାବୁ ହିଁ ଚଳାଉଛନ୍ତି ବିକାଶ ପରିଷଦ । ବଡ଼ କଥା ହେଉଛି ଦୁଇ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସ୍ଥାୟୀ ଅଧ୍ୟକ୍ଷ ଓ କାଉନସିଲ୍ ଗଠନ ହୋଇନଥିବାରୁ ◆◆ପୃଷ୍ଠା ୭

## ଟିପର-ବୋଲେରୋ ମୁହାଁମୁହିଁ ଧକ୍କା: ୫ ପୁଲିସ କର୍ମଚାରୀ ମୃତ



ଝାରସୁଗୁଡ଼ା, ୨୨/୨ (ନି.ପ୍ର): ଝାରସୁଗୁଡ଼ା ସଦର ଥାନା ପାଖରେ ଆଜି ଭୋରରେ ଏକ ଟିପର ଓ ପୁଲିସ୍‌ର ଏକ ବୋଲେରୋ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଆଉ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ମୃତ ପୁଲିସ କର୍ମଚାରୀମାନେ ହେଉଛନ୍ତି, କାଶୀରାମ ଭୋଇ, ନିରଞ୍ଜନ କୁଜୁର,ଦେବଦତ୍ତ ସା, ଲିଙ୍ଗରାଜ ଧୃରୁଆ, ଓ ଭକ୍ତବନ୍ଧୁ ମିର୍ଦ୍ଧା। ନିରଞ୍ଜନ କୁଜୁର ଡ୍ରିଲ୍ ସବ୍-ଇନ୍ସପେକ୍ଟର ଥିଲେ। ଲିଙ୍ଗରାଜ ଧୁରୁଆ ଏପିଆର ହାବିଲଦାର ଥିବା ବେଳେ ଦେବଦତ୍ତ ସା ଓ କାଶୀରାମ ଭୋଇ ଏପିଆର କନଷ୍ଟେବଳ ଥିଲେ। ସେହିପରି ମୃତ ଭକ୍ତବନ୍ଧୁ ମିର୍ଦ୍ଧା ହୋମ୍‌ଗାର୍ଡ ଥିଲେ। ଏପିଆର କନଷ୍ଟେବଳ ଯୁବରାଜ ମେହେର ଓ ଆକାଶ ନାଏକଙ୍କ ସହିତ ସରଜେଣ୍ଟ ରାଜୀବ ଭୋସାଗର ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପୁଲିସ୍‌ର ବୋଲେରୋ ଚୁରମାର ହୋଇଯାଇଥିଲା। ଟିପ୍‌ସ ବୋଝେଇ ଟିପରଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ପୁଲିସ୍ ସମସ୍ତଙ୍କୁ ଗାଡ଼ିରୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ୫ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ସରଜେଣ୍ଟ ରାଜୀବ ଭୋସାଗର ଓ ଏପିଆର କନଷ୍ଟେବଳ ଯୁବରାଜ ମେହେରଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ◆◆ପୃଷ୍ଠା ୭

## ଗଡୁଛି ମାଓବାଦୀଙ୍କ ମୁଣ୍ଡ: ଆତ୍ମସମର୍ପଣ କରୁଛନ୍ତି ମାଓ ମୁଖିଆ



ଭୁବନେଶ୍ୱର, ୨୩/୨ (ନି.ପ୍ର): ପାଖେଇ ଆସିଲାଣି ମାଓମୁକ୍ତ ଭାରତ ଡେଡଲାଇନ୍ । ମାର୍ଚ୍ଚ ୩୧ ସୁଧା ପୁରା ଭାରତକୁ ମାଓ ମୁକ୍ତ ଘୋଷଣା କରିବାକୁ ଲକ୍ଷ୍ୟ ରଖିଛି କେନ୍ଦ୍ର ଗୃହ ମନ୍ତ୍ରାଳୟ । ତେବେ ଏବେ ବି ଘଞ୍ଚ ଜଙ୍ଗଲରେ ସକ୍ରିୟ ଅଛନ୍ତି ଆଉ କେତେ ମାଓବାଦୀ। ସେମାନଙ୍କୁ ସାବାଡ଼୍ କରିବା ପାଇଁ ମିଶନ ମୋଡରେ ଜାରି ରହିଛି ଅପରେସନ। କନ୍ଧମାଳ ଜଙ୍ଗଲରେ ଏବେ ବି ୪୦ ରୁ ୫୦ ମାଓବାଦୀ ରହିଥିବା ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଇଛନ୍ତି । କନ୍ଧମାଳ ରାଇକିଆ ଥାନା କରଡ଼ା-ଗୋଛା ଜଙ୍ଗଲରେ ଦୁଇ ଦିନ ହେବ ଚାଲିଛି ଅପରେସନ। ଅପରେସନ ସମୟରେ ଯବାନ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ଉଭୟ ପକ୍ଷରୁ ଗୁଳି ବିନିମୟରେ ୩ ମାଓବାଦୀ ନିପାତ ହୋଇଥିବା ସୂଚନା ମିଳିଛି । ସେପଟେ ଛତିଶଗଡ଼ରେ ଆତ୍ମସମର୍ପଣ କରିଛି ଥିପୁରି ତିରୁପତି। ଏହି ସୂଚନା ଦେଇଛନ୍ତି ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମା । ଥିପୁରୀ ତିରୁପତିଙ୍କ ସମେତ ମାଲ୍ଲାରାଜି ରେଡ୍ଡୀ ମଧ୍ୟ ଆତ୍ମସମର୍ପଣ କରିଛନ୍ତି । କେନ୍ଦ୍ରୀୟ କମିଟି ସଦସ୍ୟ ଅଛନ୍ତି ମାଲ୍ଲାରାଜି। ଛତିଶଗଡ଼ ସମେତ ଓଡିଶାରେ ମଧ୍ୟ ସକ୍ରୀୟ ଥିଲେ। ଅପରେସନ କରେଗୁଟ୍ଟାକୁ ମିଳିଛି ବଡ ସଫଳତା। ଏଯାଏଁ ୮୦ରୁ ଅଧିକ ଆଇଡି ଠାବ ହୋଇଥିବା ସୂଚନା ମିଳିଛି ।

## ଡାକ୍ତରଖାନାରେ ଭର୍ତ୍ତି ହେଲେ ଶରଦ ପାୱାର: ଡିହାଇଡ୍ରେସନର ଶିକାର ହୋଇଥିବା ସୂଚନା

ନୂଆଦିଲ୍ଲୀ,୨୨/୨ : ଏନସିପି ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଶରଦ ପାୱାରଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପୁଣେର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେ ସାମାନ୍ୟ ଡିହାଇଡ୍ରେସନ୍‌ରେ ପୀଡ଼ିତ ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ରବିବାର ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅଚାନକ ସମସ୍ୟା ଦେଖାଦେଇଥିଲା । ପରେ ତାଙ୍କୁ ପୁଣେର 'ରୁବି ହଲ୍ କ୍ଲିନିକ'ରେ ଭର୍ତ୍ତି କରାଯାଇଥିଲା । ସେଠାରେ ହସ୍ପିଟାଲର ମୁଖ୍ୟ ହୃଦରୋଗ ବିଶେଷଜ୍ଞ ତଥା ଅଧ୍ୟକ୍ଷ ଡାକ୍ତର.ପରଭେଜ ଗ୍ରାଣ୍ଟ୍ ଶରଦଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ , ଏବଂ ସେ ଡିହାଇଡ୍ରେସନର ଶିକାର ହୋଇଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ଶରଦ ଡାକ୍ତରଙ୍କ ନିରିକ୍ଷଣରେ ଅଛନ୍ତି, ଦୁଇଦିନ ହସ୍ପିଟାଲରେ ରହିବା ପରେ ତାଙ୍କୁ ଡିସଚାର୍ଜ କରିଦିଆଯିବ ବୋଲି ଡାକ୍ତରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ବ୍ରାଉନସୁଗାର ବେପାରି ଗିରଫ

ପୁରୀ, ୨୨/୨ (ନି.ପ୍ର): ଅପରେସନ ଚକ୍ର ଅଭିଯାନରେ ପୁଣି ଜଣେ ପେଷାଦାର ବ୍ରାଉନସୁଗାର ବେପାରୀକୁ ଟାଉନ ଥାନା ପୋଲିସ ଗିରଫ କରିଛି। ଗତକାଲି ସନ୍ଧ୍ୟାରେ ଲୁଚି ଛପି ବାରବାଟୀ ଜାଗାରେ ବ୍ରାଉନସୁଗାର ବିକିବା ପାଇଁ ନିଶାଗ୍ରସ୍ତ ଯୁବକ ମାନଙ୍କୁ ଅପେକ୍ଷା କରିଥିବା ବେଳେ ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିବା ସହିତ ତା'ଠାରୁ ୧୦.୪୦ ଗ୍ରାମ୍ ବ୍ରାଉନ ସୁଗାର ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି।

◆◆ପୃଷ୍ଠା ୭

## କିସ୍ତୱାଡ଼ରେ ଜୈଶର ଟପ କମାଣ୍ଡର ସମେତ ଦୁଇ ଆତଙ୍କୀ ନିହତ: ଦୁଇ ଏକେ-୪୭ ବନ୍ଧୁକ ଓ ବିପୁଳ ଗୁଳିଗୋଳା ଜବତ



ନୂଆଦିଲ୍ଲୀ,୨୨/୨ : ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ସୁରକ୍ଷା ବାହିନୀ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର କମାଣ୍ଡର ସୈଫୁଲ୍ଲା ଓ ତାର ଅନ୍ୟଜଣେ ସହଯୋଗୀକୁ ନିହତ କରିବାରେ ସଫଳ ହୋଇଛି। କିସ୍ତୱାଡ଼ ଅଞ୍ଚଳରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ଦୁଇ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଅପରେସନ୍ ତ୍ରାଶି-୧ ଅଧୀନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ସେନା, ପୁଲିସ ଓ ସିଆରପିଏଫର ମିଳିତ ବାହିନୀ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ଏବଂ ସକାଳ ପ୍ରାୟ ସାଢ଼େ ୧୦ଟାରେ ଚାତରୁ ବେଲ୍ଟର ପାସେରକୁଟ୍ ଅଞ୍ଚଳରେ ଏନକାଉଣ୍ଟର ◆◆ପୃଷ୍ଠା ୭

## ନେପାଳରେ ଭୟଙ୍କର ଭୂମିକମ୍ପ ଥରିଉଠିଲା ଘରଦ୍ୱାର: ଭୟରେ ଲୋକେ



ନୂଆଦିଲ୍ଲୀ,୨୨/୨ : ରବିବାର ସକାଳେ ନେପାଳର କୋଶୀ ପ୍ରଦେଶରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଜାତୀୟ ଭୂମିକମ୍ପ ମନିଟରିଂ ଓ ଗବେଷଣା କେନ୍ଦ୍ର ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୧ ଥିଲା ଏବଂ ଏହା ସକାଳ ୭:୩୧ ମିନିଟରେ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ନେପାଳର ରାଜଧାନୀ କାଠମାଣ୍ଡୁରୁ ୪୭୫ କିଲୋମିଟର ପୂର୍ବରେ ଥିବା ସଂଖୁବାସଭା ଜିଲ୍ଲାର ରିତାକ ଅଞ୍ଚଳରେ ଥିଲା । ନେପାଳର ପଡ଼ୋଶୀ ଜିଲ୍ଲା ତାପଲେଜଙ୍ଗ ଓ ଭୋଜପୁରରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ସ୍ଥାନୀୟ ଲୋକେ ଘର ଛାଡ଼ି ବାହାରକୁ ଦୌଡ଼ି ଆସିଥିଲେ। କିନ୍ତୁ ଏହି ବିପର୍ଯ୍ୟୟରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇନାହିଁ ।

◆◆ପୃଷ୍ଠା ୭

# କେନ୍ଦୁଝରରେ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ

କେନ୍ଦୁଝର, ୨୨/୨ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀ କେନ୍ଦୁଝରଗଡ଼ ଅଡ଼ିଟୋରିୟମ୍ରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀର ଅଭ୍ୟର୍ଥନା କମିଟିର ସଭାପତି ତଥା କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁ ମଞ୍ଚାସିନ ହୋଇ ସାରା ଓଡିଶାରୁ ଆସିଥିବା ସଂଘର ସଦସ୍ୟଙ୍କୁ ପ୍ରଥମେ ଅଭିଭାଷଣ ମାଧ୍ୟମରେ ସ୍ୱାଗତ କରିଥିଲେ। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ ଅନ୍ତର୍ଗତ ଓଡ଼ିଶାର ଟ୍ରାନ୍ସମିସନ୍, ଡିଷ୍ଟ୍ରିବୁସନ ଓ ଜେନେରେଶନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଉକ୍ତ ସମ୍ମିଳନୀରେ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡ଼େରେସନର ଅଧକ୍ଷ ରାମକୃଷ୍ଣ ପଣ୍ଡା ଲାଲ ପତାକା ଉତୋଳନ କରି ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ ।

ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମୋହନ ଶର୍ମା ସାଧାରଣ ସମ୍ପାଦକ, ଆଂଚଳିକ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ (ନାଗପୁର), ଯୋଗଦାନ କରିଥିଲେ । ସଂମ୍ମାନିତ ଅତିଥି ଭାବେ ବୈଦନାଥ ସିଂହ ଆଞ୍ଚଳିକ ସମ୍ପାଦକ, ଅରୁଣ ଚୋଟରାଜ ଉର୍ଦ୍ଦୁର ପୂର୍ବାଚଂଳ ଉପସମ୍ପାଦକ, ଶ୍ରୀ ମହେଶ୍ୱର ରାଉତ କାର୍ଯକାରୀ ସଭାପତି ଏଆଇଟିଉସି ଓଡ଼ିଶା ରାଜ୍ୟ କମିଟି ଯୋଗଦାନ କରିଥିଲେ । ଏଥି ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ଉପାଧ୍ୟକ୍ଷ ଆବନ୍ଧୁ ବିଶ୍ୱାଳ, ଶ୍ରୀକୃଷ୍ଣ ପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ନୃସିଂହ ଚରଣ ପଣ୍ଡା ମଂଚାସିନ ଥିଲେ । ଉକ୍ତ ସମ୍ମିଳନୀରେ ନିକୁ ସାହୁ କେନ୍ଦୁଝରଗଡ଼ ପୌର ଅଧକ୍ଷା, ରଶ୍ମିକାନ୍ତ ବେହେରା, ସୁପରିଟେଣ୍ଡିଂ ଇଞ୍ଜିନିୟର କେନ୍ଦୁଝର ସର୍କଲ, ଟି.ପି.ଏନ.ଓ.ଡ଼ି.ଏଲ, ସମ୍ମାନନୀୟ ଅତିଥ ଭାବେ ଯୋଗଦାନ କରିଥିଲେ । ଆଜିର ସମ୍ମିଳନୀରେ କର୍ମଚାରୀଙ୍କ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିବା ବିଷୟ ଗୁଡ଼ିକ ହେଲା ଓଡ଼ିଶାର ବିଦ୍ୟୁତ୍ ବିଭାଗରେ ପୁନଃ ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ, ଏନ.ଏମ.ଆର ଓ କମ୍ପ୍ଲିଜେନସି ଖଲାସି ମାନଙ୍କୁ ସ୍ଥାୟୀ କରିବା, ସ୍ଥାୟୀ ପଦବୀରେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ବନ୍ଦ କରିବା, ବିଦ୍ୟୁତ୍ ବିଭାଗରେ ଖାଲି ଥିବା ସମସ୍ତ ସ୍ଥାୟୀ ପଦବୀ ଗୁଡ଼ିକୁ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାରେ ତୁରନ୍ତ ପୂରଣ କରିବା, ସୁପ୍ରିମ କୋର୍ଟଙ୍କର ରାୟ ଅନୁଯାୟି ସମାନ କାମକୁ ସମାନ ଦରମା ପ୍ରଦାନ କରିବା । ତା ୦୧.୦୪.୨୦୨୦ ରିଖ ଠାରୁ ନୂତନ ମଜୁରୀ ନିର୍ଦ୍ଧାରଣ ପରେ ବିଭିନ୍ନ ପଦବି ଗୁଡ଼ିକରେ ଥିବା ଅସଙ୍ଗତି ଶିଘ୍ର ଦୂରକରିବା ।ସେହିପରି ବହୁଦିନରୁ ପ୍ରତିକ୍ଷିତ ପଦବି ଗୁଡ଼ିକୁ ପୁନଃ ସଙ୍କଳନ କରିବା, ଓ.ଏଚ.ପି.ସି ରେ ଓପିଟିସିଏଲ୍ ଭଳି ରିଆରେଞ୍ଜମେଂଟ ତୁରନ୍ତ ଲାଗୁ କରିବା, ବିଦ୍ୟୁତ୍ ବିଭାଗର ମୃତ କର୍ମଚାରିଙ୍କ ଉତରାଧିକାରୀଙ୍କୁ ପୁନଃ ଥଇଥାନ ପ୍ରଥା ଜରିଆରେ ସ୍ଥାୟୀ ନିଯୁକ୍ତି ଦେବା, ବିଦ୍ୟୁତ୍ ବିଭାଗରେ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ କରିବା, ଅତିରିକ୍ତ ସିକ୍ୟୁରିଟି ଡ଼ିପୋଜିଟ ପ୍ରଦାନ ବନ୍ଦ କରିବା ଓ ବିଦ୍ୟୁତ୍ ଶକ୍ତି ଆମେଣ୍ଡମେ ବିଲ ୨୦୨୨କୁ ତୁରନ୍ତ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ଗ୍ରାହକ ମାନଙ୍କୁ ଉତମ ଗ୍ରାହକ ସେବା ଯୋଗାଇଦେବା, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଶ୍ରମିକ/କର୍ମଚାରୀ ମାନଙ୍କ ଉପରେ ଆକ୍ରୋଶ ମୂଳକ ପଦକ୍ଷେପ ବନ୍ଦ କରିବା ଓ ଜାତିୟ ମେଝନାନ୍ସ ଆଳ ଦେଖାଇ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା ଆଦି ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

ଉପରୋକ୍ତ ବିଦ୍ୟୁତ୍ ଶ୍ରମିକ/କର୍ମଚାରୀ ମାନଙ୍କର ସମସ୍ୟା ଯଦି କର୍ତୃପକ୍ଷ ଓ ସରକାର ଶିଘ୍ର ସମାଧାନ ନ କରନ୍ତି ତାହାହେଲେ ଆଗାମି ଦିନରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ ବିଦ୍ୟୁତ୍ ଗ୍ରାହକ, କୃଷକ, ଛାତ୍ର ସର୍ବୋପରି ଜନସାଧାରଣଙ୍କୁ ନେଇ ଦୁର୍ବାର ଆନ୍ଦୋଳନ ଗଢିତୋଳିବା ପାଇଁ ସତ୍ୟବାଦୀ ବାଘ, ସାଧାରଣ ସମ୍ପାଦକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି ।

# ପୁରୀ ଜିଲ୍ଲାସ୍ତରୀୟ ସୁପୋଷିତ କର୍ମଶାଳା

ପୁରୀ, ୨୨/୨ (ନି.ପ୍ର): କୁପୋଷଣକୁ ଦୂରେଇ ସମସ୍ତଙ୍କୁ ସୁପୋଷିତ କରିବା ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ଅଙ୍ଗନବାଡି ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁପୋଷଣ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ଶ୍ରୀ ପୃଷ୍ଟି ଶିଶୁ ମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ ଯେପରି ସେମାନେ ହୋଇପାରିବେ ସେଥି ପ୍ରତି ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ ଯେପରି ଅଧିକ ଲୋକାଭିମୁଖୀ ଓ ସରଳ ପ୍ରକ୍ରିୟାରେ ଉପଯୋଗ କରାଯାଇ ପାରିବ ସେଥିଲାଗି ଏହି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଶୁଭେଚ୍ଛା ବାର୍ତା ଓ ସୁପୋଷଣର ମହତ୍ୱ ସମ୍ପର୍କରେ ଭିଡିଓ ବାର୍ତାକୁ ଉପସ୍ଥାପନ କରାଯାଇଥିଲା। ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁପୋଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ସ୍ତରୀୟ ମାଷ୍ଟର ଟ୍ରେନର ହୃଦୟ ପ୍ରଦୀପ ଓ ଇଶିକା ସୁପୋଷଣର ଉପଯୋଗ, ଅଙ୍ଗନବାଡ଼ିରେ ତାହାର କାର୍ଯ୍ୟକାରିତା, ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରକୁ ସମ୍ପ୍ରଦାୟ ଦିବସ ଭାବେ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ପୋଷଣର ଡିପିସି ସସ୍ମିତା କର୍ମକାର, ସମସ୍ତ ସିଡିପିଓ, ସୁପରଭାଇଜର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁପୋଷଣ ଶପଥ ପାଠ କରାଯାଇଥିଲା ।

# ଆମେ ପଢିବା ଆମ ଭାଷାରେ ଜିଲ୍ଲାସ୍ତରୀୟ କର୍ମଶାଳା

ମାଲକାନଗିରି, ୨୨/୨ (ନି.ପ୍ର): ଆଜି ମାଲକାନଗିରି ଜି୍ଲ୍ଲାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆମେ ପଢିବା ଆମ ଭାଷାରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲା ଜନଜାତି ବହୁଳ ଜିଲ୍ଲା ଏବଂ ଜନଜାତି ଭାଷାରେ ପିଲାଙ୍କୁ ପାଠ ପଢାଇଲେ ସେମାନଙ୍କର ପାଠ ପ୍ରତି ଆଗ୍ରହ ବଢିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଆଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସରପଂଚ, ଏମଏଲଇ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଏବଂ ସିଡ଼ିପିଓ ଉପସ୍ଥିତ ଥିଲେ । ପିରାମଲ୍ ଫାଉଣ୍ଡେସନ ଏହି କାର୍ଯ୍ୟକ୍ରମରେ ସହଯୋଗୀ ପାର୍ଟନର ଭାବେ କାର୍ଯ୍ୟ ତୁଲାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜାରାମ ମଲ୍ଲିକ ଏବଂ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ ।

# ଟାଉନ ହଲଠାରେ ଓଡିଶୀ ଆସର ୨୬ରେ

ପୁରୀ, ୨୨/୨ (ନି.ପ୍ର): ଚଳିତ ମାସ ୨୬ ତାରିଖରେ ପୁରୀ ଟାଉନ ହଲ ଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ଆସରର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ୨୬ ତାରିଖ ଅପରାହ୍ନ ୫ଟା ଠାରୁ ଟାଉନ ହଲ ଠାରେ ଓଡ଼ିଶାର ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଏହା ଆୟୋଜିତ ହେବ। ଓଡିଶୀ ନୃତ୍ୟ ଓ ସଂଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଚଳିତ ଥର ମହାପ୍ରଭୁଙ୍କ କ୍ଷେତ୍ରରେ ଏହା ଆୟୋଜନ କରାଯାଉଛି।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଯୋଗ ଦେବାକୁ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁରୋଧ କରିଛନ୍ତି।

# ମେଡିସିନ କମ୍ପାନୀ ମ୍ୟାନେଜରଙ୍କୁ ଛୁରୀ ଭୁଷି ହତ୍ୟା

ରାଉରକେଲା, ୨୨/୨ (ନି.ପ୍ର): ମେଡିସିନ କମ୍ପାନୀର ମ୍ୟାନେଜରଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି । କେହି ଦୁର୍ବୃତ ତାଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି । ରାଉରକେଲା ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ସିଭିଲ ଟାଉନସିପ୍ ଅଂଚଳରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ଭାଗିରଥୀ ସାହୁ । ଶନିବାର ସିଭିଲ ଟାଉନସିପ୍ ଅଂଚଳରେ ଥିବା ଏକ ଭଡ଼ାଘରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଭାଗିରଥୀଙ୍କ ଘର ଯାଜପୁରରେ ଏବଂ ସେ ଭୁବନେଶ୍ୱରରେ ରୁହନ୍ତି। ଗତକାଲି ସନ୍ଧ୍ୟାରେ ସେ ଭୁବନେଶ୍ୱରରୁ ରାଉରକେଲା ଯାଇଥିଲେ ।

ଆଜି ସକାଳେ ମୃତକଙ୍କୁ ସନ୍ଦେହଜନକ ଅବସ୍ଥାରେ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା । ଖବର ପାଇ ରଘୁନାଥପାଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ମୃତକଙ୍କ ଶବ ଉଦ୍ଧାର କରିଛି । ମୃତକଙ୍କ ପରିବାର ଲୋକ ପହଂଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ । ତେବେ କିଏ ଏବଂ କାହିଁକି ତାଙ୍କୁ ହତ୍ୟାକଲା ସେନେଇ ତଦନ୍ତ କରୁଛି ପୋଲିସ । ଘଟଣାରେ ଭାଗିରଥୀଙ୍କ ୨ ଜଣ ରୁମମେଟ୍ ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତିର ସମୀକ୍ଷା ବୈଠକ

ମାଲକାନଗିରି, ୨୨/୨ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମାଲକାନଗିରି ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସଂପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ସମସ୍ତଙ୍କୁ ବୈଠକରେ ସ୍ୱାଗତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲ୍ଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସଂପର୍କରେ ସୂଚୀତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ଜିରୋ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ପାନୀୟ ଜଳର ସମସ୍ୟା ସଂପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୪ ଇନ୍ଟୁ ୭ ଘଂଟା ହିସାବରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ବିଦ୍ୟୁତ ବିଭାଗ ଯତ୍ନବାନ ହେବେ । ଏତଦ୍ ବ୍ୟତୀତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଔଷଧ ତଥା ଅନ୍ୟାନ୍ୟ ଆନୁସଂଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡ଼ିଏମ୍ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ୍ ଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଂଶୁଘାତ ଜନିତ ତୁରନ୍ତ ପଦକ୍ଷେପ ଓ ସୂଚନା ନିମନ୍ତେ ଜିଲ୍ଲା ଜରୁରୀ ଶାଖା ତରଫରୁ ସର୍ବସାଧାରଣଙ୍କ ନିମନ୍ତେ କଂଟ୍ରୋଲ ରୁମ୍ (୨୪ ଇନ୍ଟୁ ୭) ଚାଲୁ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ତହସିଲ ଓ ସଂପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକରେ କଂଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବୈଠକରେ ବିଭିନ୍ନ ଜରୁରୀ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଅଚଳ ହୋଇଥିବା ନଳକୂପ ଗୁଡିକୁ ସଚଳ କରିବା ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ଓ ତତ୍ ସଂକ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଅଂଶୁଘାତ ଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପୌରପରିଷଦ, ଏନ୍ଏସି, ବ୍ଲକ, ପଂଚାୟତ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସ୍ଷ୍ଟାଣ୍ଡମାନଙ୍କରେ ଜଳ ଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ଇତ୍ୟାଦି ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଯାତ୍ରୀବାହୀ ବସ୍ ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍ ପ୍ୟାକେଟ୍ ରଖିବା ସହ ସମୟ ନିର୍ଘଣ୍ଟ ଜାରି କରିବା ସକାଶେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଶ୍ରମିକମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ରଖିବା ସହ କାର୍ଯ୍ୟ ସମୟ ନିର୍ଘଂଟକୁ ଜାରି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସଂପଦଙ୍କ ପିଇବା ପାଣିର ବ୍ୟବସ୍ଥା ପାଇଁ ତଥା ଔଷଧ ରଖିବା ନିମନ୍ତେ ବିଡ଼ିଓ ଏବଂ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ସହ ବନ୍ୟ ସମ୍ପଦର ସୁରକ୍ଷା ପ୍ରତି ବିଶେଷ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ବିଭାଗ ତରଫରୁ ନେବାକୁ ଥିବା ପଦକ୍ଷେପ ବୈଠକରେ ଉପସ୍ଥାପନା କରିଥିଲେ । ବୈଠକ ଆୟୋଜନ କରିବାରେ ଜରୁରୀ କାଳୀନ ବିଭାଗ ପକ୍ଷରୁ କୁନା ନାୟକ ଓ ଅନ୍ୟ ମାନେ ସହଯୋଗ କରିଥିଲେ।

# କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟରେ ଏନସିସି ଶାଖା ପ୍ରତିଷ୍ଠା

ମାଲକାନଗିରି, ୨୨/୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଏକ ଶାଖା ଆଜି ପ୍ରତିଷ୍ଠା ହୋଇଛି । ଆଜିର ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲା ବେଳେ ମାଲକାନଗିରି ଜିଲ୍ଲା ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗି, କୁଡୁମୁଲୁଗୁମ୍ମା ତହସିଲଦାର କ୍ରିଷ୍ଣ ଚନ୍ଦ୍ର ଦାସ, ଜିଲ୍ଲା ଏନ୍.ସି.ସି ନୋଡାଲ ଅଧିକାରୀ ଶୁଶାନ୍ତ ମାଝୀ ଓ ଗୌରୀ ଶଙ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଓ ମହାବିଦ୍ୟାଳୟର ଏନ୍ ସି ସି ପରିଚାଳକ ଜନ୍ କୋରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଭୋଇ କହିଥିଲେ ଯେ, ଆଜିର ଦିନଟି ଏହି ମହାବିଦ୍ୟାଳୟ ପାଇଁ ଏକ ଗୌରବର ଦିନ କାରଣ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଏକ ଶାଖା ଏହି ମହାବିଦ୍ୟାଳୟରେ ଶୁଭାରମ୍ଭ ହୋଇଯାଇଛି । ଏହି ସଂଗଠନଟି ସ୍ୱେଚ୍ଛାସେବୀ ଭିତିରେ କାର୍ଯ୍ୟ କରେ ଏବଂ ଭାରତୀୟ ସେନା, ନୌସେନା ଓ ବାୟୁ ସେନାକୁ ନେଇ ଗଠିତ, ଏହା ଭାରତର ସର୍ବୋଚ୍ଚ ଯୁବ ସଂଗଠନ, ଯାହା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସାମରିକ ତାଲିମ ପ୍ରଦାନ, ଶୃଙ୍ଖଳା ଜ୍ଞାନ ଏବଂ ଯୁବ ନେତୃତ୍ୱ ଗୁଣର ଶିକ୍ଷା ଦେଇଥାଏ ଯାହା ଫଳରେ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ, ସାହସ ଏବଂ ସେବା ମନୋଭାବ ବୃଦ୍ଧି କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ପ୍ରକାଶ ଥାଉକି, ଆଜି ସକାଳେ ଜିଲ୍ଲା ଏନ୍ ସି ସି ଅଧିକାରୀ ଶ୍ରୀ ମାଝୀ ଓ ପରିଚାଳକ ଶ୍ରୀ କୋରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଦୌଡ଼କୁଦ ପ୍ରତିଯୋଗିତା ମାଧ୍ୟମରେ ୩୧ ଜଣ ଛାତ୍ର ଓ ୧୬ ଜଣ ଛାତ୍ରୀ, ମୋଟ୍ ୪୭ ଜଣ ଛାତ୍ରଛାତ୍ରୀ ଏହି ସଙ୍ଗଠନର ପ୍ରଥମ ଶିକ୍ଷାର୍ଥୀ ଭାବରେ ସାମିଲ ହୋଇଥିବା ଜଣାପଡିଛି । ଯାହା ପିଲାଙ୍କ ମଧ୍ୟରେ ଏକ ଖୁସିର ବାତାବରଣ ଖେଳାଇ ଦେଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ମାନେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ବିଶ୍ୱ ମାତୃଭାଷା ଦିବସ ପାଳିତ

କେନ୍ଦୁଝର, ୨୨/୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଅତିଥି ଭାବରେ ଯୋଗଦେଇ ମାତୃଭାଷାର ମହତ୍ୱ ଓ ଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ।

ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ମାତୃଭାଷା ହିଁ ସର୍ବପ୍ରଥମେ ଆମକୁ ବ୍ୟବହାରିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ । ଏହି ଅବସରରେ ଶିଶୁ ଭାଇଭଉଣୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଭାଗୀ ମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଗୁରୁମା ମଞ୍ଜୁଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ ।

# ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ତମ ବାର୍ଷିକ ଉତ୍ସବ

ସତ୍ୟବାଦୀ/ପୁରୀ, ୨୨/୨ (ନି.ପ୍ର): ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ । ସମ୍ପ୍ରତି ଆଜିର ସମାଜରେ ସଂସ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି। ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ଅପରାହ୍ନରେ ସାକ୍ଷୀ ଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ ତମ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ଭଲ ମଣିଷ ହେବାର କାଳଜୟୀ ବାଣୀ ସଭିଙ୍କ ପାଇଁ ମହତ୍ୱପୂର୍ଣ୍ଣ। ବିଭିନ୍ନ ଅନୁଷ୍ଠାନରେ ଶିକ୍ଷା ଲାଭ କରୁଥିବା ପିଲା ମାନେ ବଡ ମଣିଷ ହେବାର ସ୍ୱପ୍ନ ଦେଖିଥାନ୍ତି । କିନ୍ତୁ ବଡ ମଣିଷ ହୋଇ ଅଧିକ ରୋଜଗାର ଅପେକ୍ଷା ଯଦି ସମାଜ ପାଇଁ ସମ୍ବଳ ପାଲଟି, ସଂସ୍କାର ଯୁକ୍ତ ହୋଇ ଶୃଙ୍ଖଳିତ ଆଚରଣ କରିଥାନ୍ତି ତେବେ ତାହାହିଁ ହେବ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ବୋଲି କହିଥିଲେ। ଏହି ଅନୁଷ୍ଠାନର ପିଲାମାନେ ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି ସେମାନଙ୍କୁ ଆମନ୍ତ୍ରଣ କରି ବର୍ତମାନ ପିଲାମାନଙ୍କୁ ପ୍ରେରଣା ପାଇଁ ସେମାନଙ୍କ ସହ ମିଶିବାର ସୁଯୋଗ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ।

ଆଚାର୍ଯ୍ୟ ହରିହର ଶିଶୁ ଭବନର ଉପ ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କଳାକାର ନଟବର ଆଚାର୍ଯ୍ୟ, ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିଥିଲେ ।ପ୍ରାରମ୍ଭରେ ଅନଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ର ପ୍ରଗତି ଓ ଇତିବୃତି ବଂଟନ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅନ୍ତେବାସୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଏହି ଅବସରରେ ଅନୁଷ୍ଠାନ ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା ।ଏହାକୁ ବିଡ଼ିଓ ସତ୍ୟବାଦୀ ଦେବାଶିଷ ନାୟକ ଉଦଘାଟନ କରିଥିଲେ।

# ପୂର୍ବତନ ଉପାଧ୍ୟକ୍ଷଙ୍କ ଯୁକ୍ତି ଭିତ୍ତିହୀନ ପୌର ଦୁର୍ନୀତିର ପ୍ରମାଣ ଦେଖାଇଦେଲେ ପଦବୀ ଛାଡିଦେବି : ପୌରାଧ୍ୟକ୍ଷ

ଜୟପୁର, ୨୨/୨ (ନି.ପ୍ର): ଗତ କିଛି ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ଜଗନ୍ନାଥ ସାଗର ଦୁର୍ନିତି ବିରୁଦ୍ଧରେ ଜୟପୁରର ପୌରାଧ୍ୟକ୍ଷ କିମ୍ବା ବିଧାୟକ ମୁହଁ ଖୋଲୁ ନାହାନ୍ତି ବୋଲି ଯେଉଁ ପ୍ରେସ ବିବୃତି ଦେଇଥିଲେ ସେ ନେଇ ଆଜି ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ମୁହଁ ଖୋଲିଛନ୍ତି। ଆଜି ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପରି ରୁପକ ତୁରୁକୁ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି। ଶ୍ରୀ ତୁରୁକୁ ବିଜେଡିର ନେତା ମାନେ କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ଷଡଯନ୍ତ୍ର କରୁଛନ୍ତି। ଆଗାମୀ ଦିନରେ ପଂଚାୟତ ନିର୍ବାଚନ ଆସୁଥିବା ଯୋଗୁଁ କଂଗ୍ରେସ ଦଳ ତଥା ଦଳର ନେତା ମାନଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି। ପୌରାଧ୍ୟକ୍ଷଙ୍କ ବିରୁଦ୍ଧରେ ଯାହା ସବୁ ଅଭିଯୋଗ କରିଛନ୍ତି ତାହା ମିଥ୍ୟା ଅଟେ। ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି କହିଛନ୍ତି, ଜୟପୁର ସହରର ପ୍ରଥମ ନାଗରିକ ଭାବେ ପରିଚିତ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜୟପୁର ବାସୀଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛନ୍ତି ବୋଲି ମୁନା ରଥ ଯେଉଁ ଯୁକ୍ତି ବାଢିଥିଲେ ତାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଆସିବା ଦିନଠାରୁ ଜୟପୁର ସହରରେ ଅନେକ ଗୁଡିଏ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ବିଜେଡିର ଅଧ୍ୟକ୍ଷ ପୌରାଧ୍ୟକ୍ଷ ମାନେ ଯେଉଁ କାମ କରିନଥିଲେ ତାହା କଂଗ୍ରେସ ବିଧାୟକ ଓ ପୌରାଧ୍ୟକ୍ଷ କରିଦେଖାଇଛନ୍ତି। ଜଗନ୍ନାଥ ସାଗରର ଟଙ୍କା ଲୁଟି ଖାଇଛନ୍ତି ବୋଲି ଯେଉଁ ଆକ୍ଷେପ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ ଯଦି ଏହାର ପ୍ରମାଣ ଦେଖାଇ ଦିଅନ୍ତି ତେବେ ମୁଁ ପୌରାଧ୍ୟକ୍ଷ ପଦବିରୁ ଇସ୍ତଫା ଦେଇଦେବି ବୋଲି କହିଛନ୍ତି। ଜଗନ୍ନାଥ ସାଗର ପୁନଃ ଉଦ୍ଧାର ପାଇଁ ୧୫ କୋଟି ଟଙ୍କା ଆସିଥିଲା। ସେଥିରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୫ କୋଟି୬୫ ଲକ୍ଷ ଟଙ୍କା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟ କରିବା ପାଇଁ ଦିଆଯାଇଥିଲା। ବିଜେଡି ସରକାର ବଦଳିବା ପରେ ପୁଣିଥରେ ୯ କୋଟି ୪୫ ଲକ୍ଷ ଟଙ୍କାର ଟେଣ୍ଡର ଡକାଗଲା ଏବଂ କାମ ମଧ କରାଗଲା। ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଜଗନ୍ନାଥ ସାଗର ଟଙ୍କା ହଡପ କରିଛନ୍ତି ବୋଲି କହିବା ମିଥ୍ୟା ଅଟେ। ଜଗନ୍ନାଥ ସାଗର ଏକ କାମଧେନୁ ଗାଈ ବୋଲି ପୂର୍ବତନ ଉପାଧ୍ୟକ୍ଷ ମୁନା ରଥ ଯେଉଁ ସମ୍ବୋଧନ କରିଥିଲେ ତାହା ସେମାନଙ୍କ ପାଇଁ ପ୍ରଯୁଜ୍ୟ ଥିଲା। ସେମାନେ ପ୍ରତିବର୍ଷ ୨୦ ଲକ୍ଷ ଟଙ୍କା ଜଗନ୍ନାଥ ସାଗରରେ ମାଛ ଚାଷ କରିବୁ ବୋଲି ନେଉଥିବା ବେଳେ ସଫେଇ କାମ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ। ହାଇକୋର୍ଟରେ ମିଥ୍ୟା ସପଥ ପାଠ ମାଧ୍ୟମରେ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ରିପୋର୍ଟ ପ୍ରଦାନ କରିଥିବା ଖବର ନେଇ ପେ?ରାଧ୍ୟକ୍ଷଙ୍କୁ ପ୍ରଶ୍ନ କରିବାରୁ ସେ ଏନେଇ କିଛି ଉତର ଦେଇନଥିଲେ । ଦରକାର ପଡିଲେ ମୁଁ ନ୍ୟାୟାଳୟ ସମ୍ମୁଖରେ ସମସ୍ତ ଦସ୍ତାବିଜ ଉପସ୍ଥାପନ କରିବି ବୋଲି କହିଥିଲେ। ପୌରସଂସ୍ଥାର ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ ଏବଂ ଏହି ବାବଦରେ ଗାଡିରେ ପେଟ୍ରୋଲ ଓ ଡିଜେଲ ବାବଦକୁ କିପରି ପୌରପାଳିକା ପକ୍ଷରୁ ଟଙ୍କା ପୈଠ କରାଯାଇଛି ବୋଲି ଯେଉଁ ଅଭିଯୋଗ କରାଯାଇଛି ତାହା ମଧ ଭୁଲ୍ ଅଟେ। ପୂର୍ବତନ ଉପାଧ୍ୟକ୍ଷ ଦୀର୍ଘଦିନ ଧରି ପୌରପାଳିକାରେ ଟ୍ରାକ୍ଟର ଲଗାଇଥିଲେ। ପୌରପାଳିକା ପକ୍ଷରୁ ତାହାକୁ କାଢିଦେବାରୁ ସେ ଔଷଧ ବିକଳରେ ତାଟିଆ କାମୁଡିବା ଭଳି ହେଉଛନ୍ତି। ପୂର୍ବରୁ ପୌରପାଳିକାର ଦୁର୍ନିତି ବିଷୟରେ ଭିଜିଲାନ୍ସ ତଦନ୍ତ କରୁଥିଲା ଏବଂ ଅନେକ ଭୁଲ୍ ତଥ୍ୟ ମଧ ଧରା ପଡିଥିଲା କିନ୍ତୁ କେଉଁ ପୌରାଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ କିଏ ଇସ୍ତଫା ଦେଇଛନ୍ତି ତାହା ମୁନା ରଥ ସ୍ପଷ୍ଟ କରିବେ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଟଙ୍କା ହଡପ କରିଥିବାର ପ୍ରକୃତ ତଥ୍ୟ ଉପସ୍ଥାପନ କଲେ ସେ ପୌରାଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେବେ ବୋଲି କହିଥିଲେ।

## କ୍ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ । ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ । ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ ।

## ଅଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଉଛନ୍ତି କି ? ଦେଖାଦେଇପାରେ ଏସବୁ ସମସ୍ୟା



ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର । ଯଦି ଏଣୁତେଣୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର । କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ । ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ । ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ । ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା । ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।




ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ । ମାତ୍ର ଏସବୁ ଭୁଲ ଧାରଣା । ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ । ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ? ହୋଇଯାଏ । ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ । ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ । ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ । ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ । ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ । ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ । ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ । ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ । ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ । ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ । ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି । ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ । ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ । ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି । ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକତ୍ସା ସମ୍ପୂର୍ଣ୍ଣ ସମ୍ଭବ ।

## କେମିତି ନିୟନ୍ତ୍ରଣ ରଖିବେ ଓଜନ : ଜାଣନ୍ତୁ ସିକ୍ରେଟ୍ ଫର୍ମୁଲା




ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି । ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ । ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ତାହା କ'ଣ ଜାଣନ୍ତି ? ଗାଜର । ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ । ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଗାଜରରେ ପୋଟାସିୟମ ଓ କ୍ୟାଲ୍‌ସିୟମର ମାତ୍ରା ମଧ୍ୟ ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି । କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ । ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ ।

## ରିସର୍ଚ୍ଚରୁ ଖୁଲାସା : ଭାରତୀୟଙ୍କୁ କ୍ୟାନ୍‌ସର ହେବା ସମ୍ଭାବନା ୧୧ ପ୍ରତିଶତ



ଭାରତରେ ଜୀବନକାଳ ଭିତରେ କର୍କଟ ରୋଗ ହେବାର ଆଶଙ୍କା ପ୍ରାୟ ୧୧ ପ୍ରତିଶତ ରହିଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର)ର ଏକ ନୂତନ ଅଧ୍ୟୟନ ଅନୁଯାୟୀ ମିଜୋରାମରେ ଏହି ବିପଦ ପ୍ରାୟ ଦୁଇଗୁଣ- ପୁରୁଷଙ୍କ ପାଇଁ ୨୧.୧ ପ୍ରତିଶତ ଓ ମହିଳାଙ୍କ ପାଇଁ ୧୮.୯ ପ୍ରତିଶତ । ବଡ଼ ମହାନଗରଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ପୁରୁଷଙ୍କଠାରେ କର୍କଟ ହାର ସର୍ବାଧିକ ଥିବା ବେଳେ ଶ୍ରୀନଗରରେ ଫୁସ୍‌ଫୁସ୍ କର୍କଟ ରୋଗ ସମ୍ଭାବନା ସର୍ବାଧିକ ରହିଛି । ଭାରତର ଡାକ୍ତରୀ ଗବେଷଣା ପ୍ୟାନେଲର ଏହି ଅଧ୍ୟୟନରେ ଦେଶରେ ବଢୁଥିବା କର୍କଟ ମାମଲାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ନ୍ୟାସନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଇନ୍‌ଭେଷ୍ଟିଗେଟର ଗ୍ରୁପ୍‌ର ନେତୃତ୍ୱ ନେଇଥିଲା, ଯେଉଁଥିରେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର), ଟାଟା ମେମୋରିଆଲ ସେଣ୍ଟର ଓ ଡକ୍ଟର ବିଆର ଆମ୍ବେଡ଼କର ଇନ୍‌ଷ୍ଟିଚ୍ୟୁଟ୍ ରୋଟାରୀ କ୍ୟାନସର ହସ୍ପିଟାଲ ଓ ଦିଲ୍ଲୀ ଏମ୍ସର ବୈଜ୍ଞାନିକମାନେ ସାମିଲ ଥିଲେ ଏବଂ ୪୩ଟି ଜନସଂଖ୍ୟାଭିତ୍ତିକ କର୍କଟ ପଞ୍ଜୀକରଣର ତଥ୍ୟକୁ ବ୍ୟବହାର କରି ସମଗ୍ର ଭାରତରେ ୭ ଲକ୍ଷରୁ ଅଧିକ କର୍କଟ ମାମଲା ଏବଂ ୨ ଲକ୍ଷରୁ ଅଧିକ ମୃତ୍ୟୁର ବିଶ୍ଳେଷଣ କରିଥିଲେ । ମିଜୋରାମରେ ଆଇଜଲ ଜିଲ୍ଲାରେ ପ୍ରତି ୧ ଲକ୍ଷ ପୁରୁଷଙ୍କ ମଧ୍ୟରେ ୨୫୬ ଏବଂ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୧୭ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି । ପୁରୁଷମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ମୁଖଗହ୍ୱର, ଫୁସ୍‌ଫୁସ୍ ଓ ପ୍ରୋଷ୍ଟେଟ୍ କର୍କଟ ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ସ୍ତନ, ଗର୍ଭାଶୟ ଗ୍ରୀବା ଓ ଡିମ୍ବାଶୟ କର୍କଟ ଥିଲା । ମୁଖଗହ୍ୱର କର୍କଟରେ ଏକ ଚିନ୍ତାଜନକ ଧାରା ଦେଖିବାକୁ ମିଳିଥିଲା । ଅହମଦାବାଦରେ ମୁଖଗହ୍ୱର କର୍କଟ ପୁରୁଷଙ୍କଠାରେ ୪.୭% ଓ ମହିଳାଙ୍କଠାରେ ୬.୯% ବୃଦ୍ଧି ପାଇଛି । ଜାମା ନେଟୱାର୍କ ଓପନରେ ପ୍ରକାଶିତ ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଦେଶର କେତେକ ସ୍ଥାନରେ ସାମଗ୍ରିକ କର୍କଟ ମାମଲା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଉଦାହରଣ ସ୍ୱରୂପ, କାମରୂପ ସହରାଞ୍ଚଳ (ଆସାମ)ରେ ପୁରୁଷଙ୍କଠାରେ କର୍କଟ ମାମଲା ବାର୍ଷିକ ୩.୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତିରୁଅନନ୍ତପୁରମ୍ (କେରଳ)ରେ ମହିଳାଙ୍କ କ୍ଷେତ୍ରରେ ବାର୍ଷିକ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ଗବେଷକମାନେ ଆକଳନ କରିଛନ୍ତି ଯେ, କେବଳ ୨୦୨୪ରେ ଭାରତରେ ପ୍ରାୟ ୧୫ ଲକ୍ଷ ୬୨ ହଜାର ୯୯ ଜଣ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ୮ ଲକ୍ଷ ୭୪ ହଜାର ୪୦୪ ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ଅଧ୍ୟୟନ ଅନୁଯାୟୀ, ଭାରତରେ କର୍କଟକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା, ପ୍ରତିରୋଧ ଓ ଶୀଘ୍ର ଚିହ୍ନଟ ଉପରେ ଧ୍ୟାନ ଦେବା ପାଇଁ ମିଳିତ ପ୍ରୟାସ ଆବଶ୍ୟକ । ପ୍ରତିରୋଧ ସହିତ କର୍କଟ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଓ ସେବାକୁ ବିସ୍ତାର କରିବା ଜରୁରୀ, ବିଶେଷକରି ଯେଉଁ ଅଞ୍ଚଳରେ କର୍କଟ ମାମଲା ଅଧିକ ଥାଏ ।

## ବାରମ୍ବାର ରୋଗରେ ପଡୁଥିବା ଲୋକ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ : ବଢ଼ିବ ଇମ୍ୟୁନିଟି

ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ, ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ । ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।



# କର୍କଟ ଓ ଦୁର୍ଲଭ ରୋଗ: ମଧ୍ୟବିତ୍ତ ପରିବାର ପାଇଁ ଅର୍ଥନୈତିକ ମହାମାରୀ

ଭାରତବର୍ଷକୁ ବିଶ୍ୱ ଦରବାରରେ 'ବିଶ୍ୱର ଔଷଧାଗାର' ବା ଫାର୍ମାସି ଅଫ୍ ଦି ୱାର୍ଲ୍ଡ ବୋଲି ଗର୍ବର ସହ ଅଭିହିତ କରାଯାଏ । ବିଶ୍ୱର ବିଭିନ୍ନ ପ୍ରାନ୍ତକୁ, ବିଶେଷକରି ବିକାଶଶୀଳ ଏବଂ ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ଶସ୍ତା ଏବଂ ଗୁଣାତ୍ମକ ଜେନେରିକ୍ ଔଷଧ ରପ୍ତାନି କରିବାରେ ଭାରତର ଭୂମିକା ଅତୁଳନୀୟ ଅଟେ । କିନ୍ତୁ ଏହି ଆନ୍ତର୍ଜାତିକ ଗୌରବର ଆଢୁଆଳରେ ଏକ ଅତ୍ୟନ୍ତ ଦୁଃଖଦ ଏବଂ ବିଡମ୍ବନାପୂର୍ଣ୍ଣ ସତ୍ୟ ଆମ ଦେଶ ଭିତରେ ଲୁଚି ରହିଛି । ଯେଉଁ ଦେଶ ସମଗ୍ର ବିଶ୍ୱକୁ ଔଷଧ ଯୋଗାଇବାର କ୍ଷମତା ରଖେ, ସେହି ଦେଶର ନିଜ ନାଗରିକମାନେ ଆଜି ଜୀବନ ରକ୍ଷାକାରୀ ଔଷଧର ଅତ୍ୟଧିକ ମୂଲ୍ୟ ଯୋଗୁଁ ଦାରିଦ୍ର୍ୟର ଅତଳ ଗହ୍ୱରକୁ ଠେଲି ହୋଇଯାଉଛନ୍ତି । ବିଶେଷକରି କର୍କଟ ଏବଂ ବିଭିନ୍ନ ଦୁର୍ଲଭ ରୋଗ (ରେୟାର ଡିଜିଜ୍) ପାଇଁ ଉଦ୍ଦିଷ୍ଟ ଔଷଧର ଆକାଶଛୁଆଁ ଦର ଭାରତୀୟ ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାରଗୁଡ଼ିକୁ ଆର୍ଥିକ ଭାବେ ସମ୍ପୂର୍ଣ୍ଣ ପଙ୍ଗୁ କରିଦେଉଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟକ୍ତିଗତ ଖର୍ଚ୍ଚ ବା 'ଆଉଟ୍ ଅଫ୍ ପକେଟ୍ ଏକ୍ସପେଣ୍ଡିଚର'ର ଅହେତୁକ ବୃଦ୍ଧି କିପରି ଭାରତୀୟ ସମାଜ ପାଇଁ ଏକ ନୀରବ ମହାମାରୀର ରୂପ ନେଉଛି, ତାହା ବର୍ତ୍ତମାନ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି ।

ସାମ୍ପ୍ରତିକ ପରିସ୍ଥିତିକୁ ଗଭୀର ଭାବେ ଅନୁଧ୍ୟାନ କଲେ ଜଣାପଡେ ଯେ, ଭାରତରେ ଅଣ-ସଂକ୍ରାମକ ରୋଗ ଯଥା କର୍କଟ, ହୃଦରୋଗ ଏବଂ ମଧୁମେହର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର)ର ତଥ୍ୟ ଅନୁଯାୟୀ, ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ଉଦବେଗଜନକ ଭାବେ ବଢ଼ୁଛି ଏବଂ ଆଗାମୀ ଦିନରେ ଏହା ଆହୁରି ଭୟଙ୍କର ରୂପ ନେବାର ଆଶଙ୍କା ରହିଛି । କିନ୍ତୁ ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହିତ ବଜାରକୁ ଆସୁଥିବା ନୂତନ ପିଢ଼ିର ଔଷଧ, ଯଥା ଇମ୍ୟୁନୋଥେରାପି ଏବଂ ଟାର୍ଗେଟେଡ୍ ଥେରାପି, ସାଧାରଣ ଲୋକଙ୍କ ପହଞ୍ଚର ବହୁ ବାହାରେ ରହିଛି । ଉଦାହରଣ ସ୍ୱରୂପ, କର୍କଟ ରୋଗ ପାଇଁ ବ୍ୟବହୃତ କେତେକ ଅତ୍ୟାଧୁନିକ ଔଷଧର ମାସିକ ଖର୍ଚ୍ଚ ଲକ୍ଷାଧିକ ଟଙ୍କାରେ ପହଞ୍ଚୁଛି । ଯେତେବେଳେ ଜଣେ ରୋଗୀଙ୍କୁ ବର୍ଷ ବର୍ଷ ଧରି ଏହି ଔଷଧ ସେବନ କରିବାକୁ ପଡେ, ସେତେବେଳେ ପରିବାରର ସମସ୍ତ ସଞ୍ଚିତ ଅର୍ଥ, ଜମିବାଡ଼ି ଏବଂ ସମ୍ପତ୍ତି ବିକ୍ରି କରିବା ଛଡ଼ା ଅନ୍ୟ କୌଣସି ଉପାୟ ନଥାଏ । ଏହା କେବଳ କର୍କଟ ରୋଗୀଙ୍କ କ୍ଷେତ୍ରରେ ସୀମିତ ନୁହେଁ, ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ଏସଏମଏ) କିମ୍ବା ଗାଉଚର ରୋଗ ଭଳି ଦୁର୍ଲଭ ରୋଗରେ ପୀଡ଼ିତ ଶିଶୁଙ୍କ ପାଇଁ ଆବଶ୍ୟକୀୟ ଔଷଧର ମୂଲ୍ୟ କୋଟି କୋଟି ଟଙ୍କା ହୋଇଥାଏ, ଯାହାକି ଭାରତର ୯୯ ଶତକଡ଼ା ଲୋକଙ୍କ ପାଇଁ କଳ୍ପନା ବାହାରେ । ଏହି ରୋଗଗୁଡ଼ିକ ପାଇଁ ଆବଶ୍ୟକ ଔଷଧର ମୂଲ୍ୟ ଏତେ ଅଧିକ ଯେ ଜଣେ ଉଚ୍ଚ ବେତନ ପ୍ରାପ୍ତ କର୍ମଚାରୀ ମଧ୍ୟ ଏହାକୁ ବହନ କରିବାକୁ ଅସମର୍ଥ ହୁଅନ୍ତି । ଏହି ଜଟିଳ ସମସ୍ୟାର ମୂଳ କାରଣ ଖୋଜିଲେ ଆମେ ଦେଖିବାକୁ ପାଉ ଯେ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ ବରାଦ ଅତ୍ୟନ୍ତ ନୈରାଶ୍ୟଜନକ ରହିଆସିଛି । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୧.୨ ରୁ ୧.୩ ଶତାଂଶ ସରକାରୀ ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ କରାଯାଏ, ଯାହାକି ବିଶ୍ୱର ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ତୁଳନାରେ ଯଥେଷ୍ଟ କମ୍ । ଫଳସ୍ୱରୂପ, ଦେଶର ମୋଟ ସ୍ୱାସ୍ଥ୍ୟ ଖର୍ଚ୍ଚର ପ୍ରାୟ ୫୦ରୁ ୬୦ ଶତାଂଶ ଭାର ରୋଗୀମାନଙ୍କୁ ନିଜ ପକେଟରୁ ବହନ କରିବାକୁ ପଡିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ, ଏହା ଏକ ବିପଜ୍ଜନକ ସ୍ଥିତି । ଯେତେବେଳେ ଏକ ପରିବାର ନିଜର ମୋଟ ଖର୍ଚ୍ଚର ୧୦ ଶତାଂଶରୁ ଅଧିକ କେବଳ ସ୍ୱାସ୍ଥ୍ୟସେବାରେ ବିନିଯୋଗ କରେ, ତାହାକୁ 'ବିପର୍ଯ୍ୟୟକାରୀ ସ୍ୱାସ୍ଥ୍ୟ ବ୍ୟୟ' ବା କାଟାଷ୍ଟ୍ରୋଫିକ୍ ହେଲ୍ଥ ଏକ୍ସପେଣ୍ଡିଚର୍ କୁହାଯାଏ । ବିଭିନ୍ନ ସର୍ବେକ୍ଷଣରୁ ଜଣାପଡିଛି ଯେ, ଭାରତରେ ପ୍ରତିବର୍ଷ କେବଳ ଔଷଧ ଏବଂ ଚିକିତ୍ସା ଖର୍ଚ୍ଚ ଯୋଗୁଁ ପ୍ରାୟ ୫ରୁ ୬ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଯାଉଛନ୍ତି । ଏହା କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ବରଂ ଏକ ଗୁରୁତର ଅର୍ଥନୈତିକ ସଙ୍କଟ ମଧ୍ୟ, କାରଣ ଏହା ଦେଶର ଏକ ବୃହତ ଜନସଂଖ୍ୟାକୁ ଆର୍ଥିକ ଅନଗ୍ରସରତା ଆଡ଼କୁ ଟାଣି ନେଉଛି । ସରକାରଙ୍କ ପକ୍ଷରୁ ୨୦୨୧ ମସିହାରେ 'ଜାତୀୟ ଦୁର୍ଲଭ ରୋଗ ନୀତି' (ନ୍ୟାସନାଲ ପଲିସି ଫର ରେୟାର ଡିଜିଜେସ୍) ପ୍ରଣୟନ କରାଯାଇଥିଲା । ଏହି ନୀତି ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ଦୁର୍ଲଭ ରୋଗ ପାଇଁ ରୋଗୀଙ୍କୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ପ୍ରଥମ ଦୃଷ୍ଟିରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ମନେହେଲେ ମଧ୍ୟ, ବାସ୍ତବରେ ଏହା ସମୁଦ୍ରକୁ ଶଙ୍ଖେ ଭଳି । ଅନେକ ଦୁର୍ଲଭ ରୋଗରେ ରୋଗୀଙ୍କୁ ଆଜୀବନ ଔଷଧ ସେବନ କରିବାକୁ ପଡେ ଏବଂ ଏହାର ବାର୍ଷିକ ଖର୍ଚ୍ଚ ହିଁ ୫୦ ଲକ୍ଷରୁ ଅଧିକ ହୋଇଥାଏ। ଉଦାହରଣ ସ୍ୱରୂପ, ଯେଉଁ ରୋଗୀମାନଙ୍କର ଏନଜାଇମ୍ ରିପ୍ଲେସମେଣ୍ଟ ଥେରାପି ଆବଶ୍ୟକ ହୁଏ, ସେମାନଙ୍କ ପାଇଁ ଏହି ଏକକାଳୀନ ସହାୟତା କିଛି ମାସର ଔଷଧ ପାଇଁ ମଧ୍ୟ ଯଥେଷ୍ଟ ହୁଏ ନାହିଁ । ତେଣୁ ଏକକାଳୀନ ସହାୟତା ରୋଗୀର ଜୀବନ ରକ୍ଷା ପାଇଁ ଯଥେଷ୍ଟ ନୁହେଁ । ଅଧିକନ୍ତୁ, ଏହି ଯୋଜନାର ଲାଭ ପାଇବା ପାଇଁ ଥିବା ଜଟିଳ ପ୍ରକ୍ରିୟା ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ ଉନ୍ନତ ଭିତ୍ତିଭୂମିର ଅଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି । ଅନ୍ୟପକ୍ଷରେ, ଆୟୁଷ୍ମାନ ଭାରତ ଭଳି ବୀମା ଯୋଜନାଗୁଡ଼ିକ ମଧ୍ୟ ଏହି ଉଚ୍ଚ ମୂଲ୍ୟର ଔଷଧ ଏବଂ ଜଟିଳ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ କଭରେଜ୍ ପ୍ରଦାନ କରିବାରେ ଅସମର୍ଥ ହୋଇପଡୁଛନ୍ତି । ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଔଷଧ କମ୍ପାନୀମାନଙ୍କର ଏକଚାଟିଆ ଅଧିକାର ବା ପେଟେଣ୍ଟ ମୋନୋପୋଲି । ଅନ୍ତର୍ଜାତୀୟ ବାଣିଜ୍ୟ ନିୟମ ଅନୁଯାୟୀ, ନୂତନ ଉଦ୍ଭାବିତ ଔଷଧ ଉପରେ କମ୍ପାନୀମାନଙ୍କୁ ୨୦ ବର୍ଷ ପାଇଁ ପେଟେଣ୍ଟ ଅଧିକାର ମିଳିଥାଏ । ଏହି ସମୟ ମଧ୍ୟରେ ଅନ୍ୟ କୌଣସି କମ୍ପାନୀ ସେହି ଔଷଧର ଶସ୍ତା ଜେନେରିକ୍ ସଂସ୍କରଣ ତିଆରି କରିପାରନ୍ତି ନାହିଁ । ଫଳରେ ବିଦେଶୀ ଫାର୍ମା କମ୍ପାନୀଗୁଡ଼ିକ ମନଇଚ୍ଛା ଦର ନିର୍ଦ୍ଧାରଣ କରନ୍ତି ଏବଂ ଲାଭଖୋର ମନୋବୃତ୍ତି ରଖି କାର୍ଯ୍ୟ କରନ୍ତି । ଭାରତୀୟ ପେଟେଣ୍ଟ ଆଇନରେ 'ବାଧ୍ୟତାମୂଳକ ଲାଇସେନ୍ସ' (କମ୍ପଲସୋରୀ ଲାଇସେନ୍ସିଂ)ର ବ୍ୟବସ୍ଥା ରହିଛି, ଯାହା ସରକାରଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଜନସ୍ୱାର୍ଥ ଦୃଷ୍ଟିରୁ ପେଟେଣ୍ଟ ନିୟମକୁ କୋହଳ କରି ଶସ୍ତା ଔଷଧ ଉତ୍ପାଦନ ପାଇଁ ଘରୋଇ କମ୍ପାନୀଙ୍କୁ ଅନୁମତି ଦେବାର କ୍ଷମତା ପ୍ରଦାନ କରେ । କିନ୍ତୁ ଦୁର୍ଭାଗ୍ୟବଶତଃ, ବିଦେଶୀ ରାଷ୍ଟ୍ର ଏବଂ ବଡ଼ ବଡ଼ ଫାର୍ମା କମ୍ପାନୀମାନଙ୍କର ବାଣିଜ୍ୟିକ ଚାପ ତଥା କୂଟନୈତିକ ସମ୍ପର୍କ ଖରାପ ହେବାର ଭୟ ଯୋଗୁଁ ଭାରତ ସରକାର ଏହି କ୍ଷମତାର ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି । ଗତ କିଛି ଦଶନ୍ଧି ମଧ୍ୟରେ ମାତ୍ର ଥରେ କିମ୍ବା ଦୁଇଥର ଏହି ନିୟମର ପ୍ରୟୋଗ ହୋଇଛି । ଯଦି ସରକାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରି କର୍କଟ ଓ ଦୁର୍ଲଭ ରୋଗର ଔଷଧ ପାଇଁ ବାଧ୍ୟତାମୂଳକ ଲାଇସେନ୍ସ ପ୍ରଦାନ କରନ୍ତେ, ତେବେ ଔଷଧର ମୂଲ୍ୟ ୯୦ ଶତାଂଶ ପର୍ଯ୍ୟନ୍ତ ହ୍ରାସ ପାଇପାରନ୍ତା, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇ ପାରନ୍ତା । ସରକାରଙ୍କ 'ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ' (ପିଏଲଆଇ) ଯୋଜନା ଘରୋଇ ଔଷଧ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି, କିନ୍ତୁ ଏହା ମୁଖ୍ୟତଃ ରପ୍ତାନି ବୃଦ୍ଧି ଏବଂ ଶିଳ୍ପ ବିକାଶ ଉପରେ କେନ୍ଦ୍ରିତ । ଏହି ଯୋଜନାରେ ସରକାର କମ୍ପାନୀମାନଙ୍କୁ କୋଟି କୋଟି ଟଙ୍କାର ରିହାତି ଦେଉଛନ୍ତି, କିନ୍ତୁ ଏହି ସରକାରୀ ସହାୟତା ପାଉଥିବା କମ୍ପାନୀମାନେ ଉତ୍ପାଦିତ ଔଷଧକୁ ଭାରତୀୟ ରୋଗୀଙ୍କ ପାଇଁ ଶସ୍ତାରେ ଉପଲବ୍ଧ କରାଇବେ କି ନାହିଁ, ସେ ନେଇ କୌଣସି ସ୍ପଷ୍ଟ ବାଧ୍ୟବାଧକତା ନାହିଁ। ଅର୍ଥାତ୍, ଆମ ଦେଶର ଟିକସଦାତାଙ୍କ ଅର୍ଥରେ କମ୍ପାନୀମାନେ ପ୍ରୋତ୍ସାହନ ପାଇବେ, କିନ୍ତୁ ସେହି ଔଷଧ ଆମ ନିଜ ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିବ, ଏହା ଏକ ବିଡମ୍ବନା ବ୍ୟତୀତ ଆଉ କିଛି ନୁହେଁ । ଏହି ଅସହାୟ ପରିସ୍ଥିତିରେ ସାଧାରଣ ଜନତା 'କ୍ରାଉଡ୍ ଫଣ୍ଡିଂ' ବା ଗଣ-ଅର୍ଥ ସଂଗ୍ରହ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ସୋସିଆଲ ମିଡିଆରେ ପ୍ରତିଦିନ ଅସଂଖ୍ୟ ଲୋକ ନିଜର କିମ୍ବା ନିଜ ପିଲାଙ୍କ ଚିକିତ୍ସା ପାଇଁ ଭିକ ମାଗୁଥିବାର ଦୃଶ୍ୟ ଏକ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ । ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର ହେବା କଥା, ଏହା ଦାନ ବା ଦୟାର ପାତ୍ର ହେବା ଉଚିତ୍ ନୁହେଁ । ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ଏକ ବହୁମୁଖୀ ରଣନୀତିର ଆବଶ୍ୟକତା ରହିଛି । ପ୍ରଥମତଃ, ସରକାରଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟ୍ ବରାଦକୁ ତୁରନ୍ତ ବୃଦ୍ଧି କରି ଜିଡିପିର ଅନ୍ତତଃ ୨.୫ ରୁ ୩ ଶତାଂଶକୁ ନେବାକୁ ହେବ । ଦ୍ୱିତୀୟତଃ, ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନେବା ଜରୁରୀ । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ)ର କ୍ଷମତା ପରିସର ବୃଦ୍ଧି କରି ସମସ୍ତ ଜରୁରୀ କର୍କଟ ଓ ଦୁର୍ଲଭ ରୋଗର ଔଷଧକୁ ମୂଲ୍ୟ ନିୟନ୍ତ୍ରଣ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍। ତୃତୀୟତଃ, ସରକାର ବାଣିଜ୍ୟିକ ଚାପକୁ ଖାତିର ନକରି ଜନସ୍ୱାର୍ଥରେ 'ବାଧ୍ୟତାମୂଳକ ଲାଇସେନ୍ସ' ବ୍ୟବସ୍ଥାର ବ୍ୟାପକ ପ୍ରୟୋଗ କରିବା ଆବଶ୍ୟକ, ଯାହାଦ୍ୱାରା ଶସ୍ତା ଜେନେରିକ୍ ଔଷଧ ବଜାରକୁ ଆସିପାରିବ । ଚତୁର୍ଥତଃ, ଦୁର୍ଲଭ ରୋଗ ପାଇଁ ଏକ ସ୍ୱତନ୍ତ୍ର ଏବଂ ସ୍ଥାୟୀ ପାଣ୍ଠି ଗଠନ କରାଯିବା ଦରକାର, ଯାହା କେବଳ ଏକକାଳୀନ ସହାୟତା ନୁହେଁ, ବରଂ ଆଜୀବନ ଚିକିତ୍ସା ସୁନିଶ୍ଚିତ କରିବ । ଏଥିସହିତ, ସରକାରୀ ଗବେଷଣା କେନ୍ଦ୍ରଗୁଡ଼ିକୁ ନୂତନ ଔଷଧ ଉଦ୍ଭାବନ ପାଇଁ ଅଧିକ ଅର୍ଥ ଯୋଗାଇ ଦେବା ଆବଶ୍ୟକ, ଯାହାଦ୍ୱାରା ଆମେ ବିଦେଶୀ କମ୍ପାନୀ ଉପରେ ନିର୍ଭରଶୀଳ ନହୋଇ ନିଜେ ଶସ୍ତା ଔଷଧ ତିଆରି କରିପାରିବା।

ପରିଶେଷରେ, ଏହା ବୁଝିବାକୁ ହେବ ଯେ ସୁସ୍ଥ ନାଗରିକ ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ ଅଟନ୍ତି । ଯଦି ଦେଶର ଏକ ବଡ଼ ଅଂଶ କେବଳ ଔଷଧ କିଣିବାକୁ ଯାଇ ଦରିଦ୍ର ହୋଇଯାଉଛନ୍ତି, ତେବେ ଦେଶର ଆର୍ଥିକ ବିକାଶର କୌଣସି ଅର୍ଥ ରହେ ନାହିଁ । ଔଷଧ ଶିଳ୍ପର ମୁନାଫା ଅପେକ୍ଷା ମଣିଷର ଜୀବନ ଅଧିକ ମୂଲ୍ୟବାନ । ସରକାର, ନୀତି ନିର୍ଦ୍ଧାରକ ଏବଂ ସମାଜର ସଚେତନ ବର୍ଗ ଏ ଦିଗରେ ଗମ୍ଭୀରତାର ସହ ଚିନ୍ତା କରିବାର ସମୟ ଆସିଛି। କେବଳ 'ଆୟୁଷ୍ମାନ ଭାରତ'ର ସ୍ଲୋଗାନରେ ନୁହେଁ, ବରଂ ବାସ୍ତବ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରିବା ହିଁ ପ୍ରକୃତ ବିକାଶର ପରିଚୟ ହେବ । ନଚେତ୍, ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଆର୍ଥିକ ଅଭାବରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ଚିତ୍କାର ଆମ ବିକାଶର ଦାବିକୁ ସର୍ବଦା ଉପହାସ କରୁଥିବ। ଆମକୁ ଏକ ଏପରି ବ୍ୟବସ୍ଥା ଗଠନ କରିବାକୁ ହେବ ଯେଉଁଠାରେ କୌଣସି ବ୍ୟକ୍ତି ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ଏବଂ ଔଷଧର ମୂଲ୍ୟ କାହାରି ଦାରିଦ୍ର୍ୟର କାରଣ ହେବ ନାହିଁ ।

# ଶିକ୍ଷା ଓ ରାଜନୀତି

## ଅଶ୍ୱିନୀ କୁମାର ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କିନ୍ତୁ ସମସ୍ତଙ୍କୁ ଗୋଡ଼ାଇ ଆଣି ଶ୍ରେଣୀ ଗୃହରେ ଆବଦ୍ଧ କରି ଦେବା ଦ୍ୱାରା ସେମାନେ ପାଟିତୁଣ୍ଡ ହେବେ, ଏହା ସାଧାରଣ କଥା। କିନ୍ତୁ ସେହି ପିଲାମାନଙ୍କୁ ସେମାନଙ୍କ ରୁଚି ଅନୁସାରେ ଛାଡ଼ିଦେଲେ ସେମାନେ ନିଜନିଜ ବିଭାଗରେ ନିଶ୍ଚୟ ଉନ୍ନତି ? କରିବେ, ଏଥିରେ ସନ୍ଦେହ ନାହିଁ।

ଆଉ ଏକ କଥା, ଜଣେ ବ୍ୟକ୍ତି ନିଜର ମହାନତା ଗୁଣ ଯଥା ଅନ୍ୟ ପ୍ରତି ସେବା, ସାହାଯ୍ୟ, ସହଯୋଗ, ଉଦାରତା, ଦୟା, କ୍ଷମା, ପରୋପକାର ପାଇଁ ସମାଜରେ ପ୍ରଭାବ ପକାଇଥାନ୍ତି। ସମାଜ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ନତମସ୍ତକ ହୋଇଥାଏ । ସେହିପରି ଜଣେ ପ୍ରଧାନଶିକ୍ଷକ ବା ଶିକ୍ଷକ ନିଜର ଆଦର୍ଶ ପ୍ରଦର୍ଶନ କରାଇବା ଦରକାର । ଜଣେ ଯେଉଁ ବିଷୟରେ ଶିକ୍ଷକତା କରୁଛି, ସେ ବିଷୟରେ ସେ ପ୍ରଥମେ ଦକ୍ଷ ହେବା ବାଞ୍ଛନୀୟ । ପୁଣି ସମୟାନୁବର୍ତ୍ତୀ, ଚରିତ୍ରବାନ, ବିଦ୍ୟାଳୟପ୍ରେମୀ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ଆଜ୍ଞା ପାଳନକାରୀ ତଥା ସମସ୍ତଙ୍କର ଆଦରଣୀୟ ହେବା ଦରକାର । ଏଭଳି ଶିକ୍ଷକଙ୍କୁ ପିଲାମାନେ ଭୟ, ଭକ୍ତି କରିବା ସହିତ ସେମାନଙ୍କୁ ବହୁତ ଭଲପାଇଥାନ୍ତି। ତାଙ୍କର କଥାକୁ ସଙ୍ଗେସଙ୍ଗେ ପାଳନ କରିଥାନ୍ତି। ଏଣୁ ପିଲାମାନେ ବିଶୃଙ୍ଖଳା ପଛରେ ଶିକ୍ଷକମାନେ ଅନେକାଂଶରେ ଦାୟୀ, ଏହା ଗୋପବନ୍ଧୁ ସାରଙ୍କ ମତ। ମାତ୍ର ବାଲେଶ୍ୱରର ପ୍ରଖ୍ୟାତ ଘରୋଇ ଶିକ୍ଷାନୁଷ୍ଠାନ 'ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ'ର ଅଧକ୍ଷ ସୁଧାଂଶୁ ପଣ୍ଡା ମହୋଦୟଙ୍କ ମତରେ ପିଲାମାନେ ବିଶୃଙ୍ଖଳିତହୋଇ ଅବାଟକୁ ଯିବା ମୂଳରେ ସରକାର ପୂର୍ଣ୍ଣ ମାତ୍ରାରେ ଦାୟୀ। ବିଦ୍ୟାଳୟରୁ ଦଣ୍ଡ ଉଠାଇଦେବା, ପିଲାମାନଙ୍କୁ ଅଭିଯୋଗ କରିବା ପାଇଁ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ଦେବା, ପୁଣି କେହି ଶିକ୍ଷକ ବା ଶିକ୍ଷିକା ପିଲାମାନଙ୍କୁ ଶୃଙ୍ଖଳିତ କରିବାପାଇଁ ସାମାନ୍ୟ ଦଣ୍ଡଦେଲେ, ତାଙ୍କୁ ନିଲମ୍ବନ/ ବହିଷ୍କାର କରିବା ଯୋଗୁଁ କେହି ଶିକ୍ଷକ ଆଉ ପିଲା ମଣିଷ ହେଲେ କେତେ ନହେଲେ କେତେ, ପଢ଼ିଲେ କେତେ ନପଢିଲେ କେତେ ନ୍ୟାୟରେ ପିଲାମାନଙ୍କର ସବୁ ଔଧତ୍ୟକୁ ଆଖିବୁଜି ସହ୍ୟ କରୁଛନ୍ତି । ସେପାଇଁ ସରକାରୀ ବିଦ୍ୟାଳୟରେ ପଢୁଥିବା ସବୁ ଅଭିଭାବକ ପିଲାମାନଙ୍କ ଭବିଷ୍ୟତ ନେଇ ବଡ ଦୁଶ୍ଚିନ୍ତାରେ ଅଛନ୍ତି। ଆଉ ସେଇଥିପାଇଁ ସମସ୍ତେ ଆଜିକାଲି ଟଙ୍କା ଖର୍ଚ୍ଚକରି ଘରୋଇ ଶିକ୍ଷାନୁଷ୍ଠାନ ଆଡକୁ ମୁହାଁଇଛନ୍ତି । ସେମାନଙ୍କର ପିଲାମାନେ ବେପରୁଆ ନ ହୋଇ ଶୃଙ୍ଖଳିତ ଆଦର୍ଶ ଛାତ୍ର ବା ଛାତ୍ରୀଟିଏ ହୁଅନ୍ତୁ, ଏହା ସେମାନଙ୍କର ଇଚ୍ଛା । ସେପାଇଁ ସେମାନେ ସେମାନଙ୍କ ପିଲାମାନଙ୍କୁ ଦଣ୍ଡଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ଏଠାରେ ପିଲାମାନଙ୍କୁ ତାଗିଦାକରିବା, କେତେବେଳେ କାନଟିକେ ମୋଡିଦେବା, ପାହାରେ ପିଟିଦେବା , ଗାଳିଦେବା ଦଣ୍ଡ ଭିତରେ ଯାଏନି, ବରଂ ଶିକ୍ଷକଙ୍କ ଗଭୀର ସ୍ନେହ ସେଥିରେ ଫୁଟିଉଠୁଥାଏ । ପୁଣି ଶିକ୍ଷକ ସେହି ପିଲାମାନଙ୍କୁ ତାଗିଦା କରନ୍ତି, ଯେଉଁମାନଙ୍କୁ ବେଶୀ ଭଲପାଆନ୍ତି ।

ବର୍ତ୍ତମାନ ଆଉ ଏକ କଥା ସରକାରୀ ବିଦ୍ୟାଳୟରେ ଦେଖାଯାଉଛି, ପାଠ ଦଶଭାଗ ଆଉ ଶାଠ ନବେଭାଗ । ପ୍ରତିଦିନ ନୂଆନୂଆ ତଥ୍ୟ କମ୍ପ୍ୟୁଟରରେ ସନ୍ନିବେଶିତ କରି ପଠାଅ। ପ୍ରଧାନଶିକ୍ଷକଙ୍କ ସହ ଅନ୍ୟ ଦୁଇ ଶିକ୍ଷକ ସେଥିରେ ମାତିଲେ। ଅନ୍ୟମାନେ ସେଇ ସୁଯୋଗରେ କିଏ ପଢାଇଲା କି ନ ପଢାଇଲା ଦେଖୁଛି କିଏ ନା ଜାଣୁଛି କିଏ ? ପୁଣି ମଧ୍ୟାହ୍ନ ଭୋଜନରେ ଶିକ୍ଷକମାନଙ୍କୁ ସମ୍ପୃକ୍ତ କରାଇବା ଦ୍ୱାରା ସେ ପାଇଁ ଜଣେ ଶିକ୍ଷକ ବନ୍ଧା । ପିଲାତ ଯାହା ଖାଇଲେ, ଶିକ୍ଷକମାନେ ଖାଇଲେ, ସେମାନଙ୍କ ଦେଖାଦେଖି ରୋଷେଇଆଗଣ ଖାଇଲେ ଓ ଘରକୁ ଦୁଇଦିନ ଦିନରାତି ପାଇଁ ବହିନେଲେ। ପ୍ରଧାନଶିକ୍ଷକ ଖୁସଯେ ସବୁପରେବି ତାଙ୍କ ପକେଟକୁ ଭଲରକମର ଅର୍ଥ ଆସିଥିବ।

ଏସବୁପରେ ବିଦ୍ୟାଳୟ ପରିଚାଳନା କମିଟିରେ ଛାତ୍ରଛାତ୍ରୀ ଅଭିଭାବକମାନଙ୍କୁ ଭର୍ତ୍ତି କରାଗଲା, ଯେଉଁମାନଙ୍କର ବିଦ୍ୟାଳୟ ପ୍ରତି ଟିକେ ବି ଅବଦାନ ନଥିଲା କି ନାହିଁ ମଧ୍ୟ । ସେହି ଅଭିଭାବକମାନଙ୍କ ମଧ୍ୟରୁ ଅନେକଆଡେ ପ୍ରଧାନଶିକ୍ଷକଙ୍କୁ ପ୍ରତି କଥାରେ ପ୍ରତିବାଦ ଓ ଅସହଯୋଗ କରୁଥିବାର ଜଣାଯାଉଛି। ଅନେକ ପ୍ରଧାନଶିକ୍ଷକ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ନା ସେମାନଙ୍କ ଦୌରାତ୍ମ୍ୟରୁ ଛାଡ ପାଉଛନ୍ତି ନା ପଦବୀ ଛାଡିପାରୁଛନ୍ତି ? ଖାଲି ଅଶାନ୍ତି ମଧ୍ୟରେ ବ୍ଲଡପ୍ରେସର ଓ ଡାଇବେଟିସ ଭଳି ରୋଗକୁ ଆମନ୍ତ୍ରଣ କରିବା ସାର ହେଉଛି । ବାକି ଯେଉଁ ପରିଚାଳନା ସମିତିରେ ସେଭଳି ବ୍ୟକ୍ତି ନାହାନ୍ତି, ସେଠାରେ ବୈଠକରେ ଅଭିଭାବକମାନେ ମୂକହୋଇ ପ୍ରଧାନ ଶିକ୍ଷକଙ୍କ ଭାଷଣ ଶୁଣନ୍ତି । ଉଁ କି ଚୁଁ ନ କହି ଦସ୍ତଖତ କରି ଘରକୁ ଫେରନ୍ତି । ସେଦିନ ସେ ପାଇଁ ଦିନଟି ଗଲା ।

ବାକି ଖେଳ, ନାଚ, ତର୍କ, ଅଭିନୟ ପ୍ରଭୃତି ଯେଉଁ ବିଦ୍ୟାଳୟ ବେଶୀ କରିପାରିଲା, ତା'ର ନାମ ଚତୁର୍ଦ୍ଦିଗକୁ ବ୍ୟାପିଲା । ହେଲେ ମୂଳଲକ୍ଷ୍ୟ ପାଠପଢ଼ା ଠାରୁ ସମସ୍ତେ ଦୂରେଇଗଲେ । ବର୍ତ୍ତମାନ ଓଡ଼ିଆରେ ଚିଠିକି ଦରଖାସ୍ତଟିଏ ଲେଖିବାକୁ କହିଲେ ସମସ୍ତଙ୍କର ମୁଣ୍ଡ ବିନ୍ଧୁଛି। ଯଦିବା ଲେଖିବେ, ଦୁନିଆ ଭୁଲ ଥିବ । ସାଧାରଣ ଜ୍ଞାନ ପୁରାପୁରି ଶୂନ। ନିଜ ଦେଶ, ରାଜ୍ୟ, ଜିଲ୍ଲା, ଗାଁ ବିଷୟରେ ଯେକୌଣସି ପ୍ରଶ୍ନ ପଚାରିଲେ ଅଦ୍ଭୁତ ଉତ୍ତର ମିଳିବ । ଗୁରୁ ଗୁରୁଜନଙ୍କୁ ଭୟ, ଭକ୍ତିକରିବା, ସେମାନଙ୍କ ପାଖରେ ବିନୟୀହେବା, ନିଜର ଆଚରଣର ସଂଶୋଧନକରିବା, କର୍ତ୍ତବ୍ୟ ପରାୟଣ ହେବା, ଈଶ୍ୱରୋପାସନାକରିବା ପ୍ରଭୃତି ଗୁଣ କାହାରିଠାରେ ଦେଖାଯାଉନି। ପୁଣି ସରକାର ବିଦ୍ୟାଳୟମାନଙ୍କୁ ଅତିଥି ଶିକ୍ଷକ ଯୋଗାଇଲେ ଯେ ସେମାନଙ୍କ ପାରିଶ୍ରମିକ ମୂଲିଆ ମଜୁରି ଠାରୁ କମ୍ । ଛଅ ମାସ, ପୁଣି ମାସକୁ କୋଡିଏଦିନ, ଦିନକୁ ଛଅଶହ ଟଙ୍କା । ଲୋକମାନଙ୍କୁ, ଶିକ୍ଷକମାନଙ୍କୁ ତଥା ବିଦ୍ୟାଳୟଗୁଡିକୁ ଭଣ୍ଡାଇବାର କି ସୁନ୍ଦର ତରିକା, ତାହା ପ୍ରତ୍ୟେକ ଜାଣିବାର ଅଛି । ପୁଣି କୋଡିଏ, ପଚିଶ ବର୍ଷଧରି ବିନା ଦରମାରେ କାମକଲା ପରେ ସେମାନଙ୍କ ପାଇଁ ଦରମା ବ୍ୟବସ୍ଥା ନାହିଁ ତଥା ତିରିଶ/ ଚାଳିଶ ବର୍ଷଧରି ଚାକିରି କଲାପରେ ଖାଲିହାତରେ ଅବସର, ସେମାନଙ୍କ ପାଇଁ ପେନସନ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟର ଆଦେଶକୁ ଉଲ୍ଲଂଘନ କରି ଅସହାୟ ଶିକ୍ଷକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧୀକାରରୁ ବଞ୍ଚିତ କରିବା, କେତେ ଠିକ୍ ତାହା ପର୍ଯ୍ୟାଲୋଚନା କରିବାର ଅଛି।

ଏଣୁ ଏଥିପାଇଁ ସରକାରଙ୍କ ରାଜନୀତି ଦାୟୀ, ଏକଥା ସ୍ପଷ୍ଟଭାବେ ଜଣାପଡୁଛି। ନିଜର ପାରିଆ ପଣିଆ ଶିକ୍ଷା କ୍ଷେତ୍ରରେ ନ ଦେଖାଇ ତାହାକୁ ରାଜନୀତି କ୍ଷେତ୍ରରେ ଦେଖାଇଲେ, ଠିକ୍ ହୁଅନ୍ତା । ଆଉ ଶିକ୍ଷାର ଏ ଅବକ୍ଷୟକୁ ରକ୍ଷାକରିବା ପାଇଁ ଚାରିଆଡେ ସଚେତନତାର ଆବଶ୍ୟକ ରହିଛି । ସମସ୍ତେ ସଚେତନ ହେଲେ ହୀନ ରାଜନୀତି କବଳରୁ ଶିକ୍ଷାକୁ ରକ୍ଷା କରିହେବ ।ନଚେତ ଶିକ୍ଷାର ମାନ ତଳକୁତଳକୁ ଖସି ଶେଷରେ ସମସ୍ତେ ଯଥା ପୂର୍ବଙ୍ ତଥା ପରଙ୍ ନିରକ୍ଷର ହେବେ, ଏଥିରେ ସନ୍ଦେହ ନାହିଁ । (ସମାପ୍ତ)

# ମହୋତ୍ସବ ମୂଳ ଲକ୍ଷ୍ୟରୁ ଓହରି ଯାଉନିକି ?

## ଶ୍ରୀ ବିଜୟ କୁମାର ପାଣିଗ୍ରାହୀ

ଆଜିକାଲି ସବୁ ଅଂଚଳରେ ମହୋତ୍ସବ ବହୁତ ଧୁମଧାମରେ ହେଉଛି। ଏପରିକି ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଯାହାକି ଅତି ଆନନ୍ଦର କଥା। ବହୁ ଟଙ୍କା ମଧ୍ୟ ଆୟୋଜକମାନେ ଖର୍ଚ୍ଚ କରୁଛନ୍ତି। ଆୟୋଜକ ମାନେ ବିଭିନ୍ନ ସେଲିବ୍ରେଟିମାନଙ୍କୁ ବହୁ ଅର୍ଥ ବ୍ୟୟ କରି ନିଜ ଅଞ୍ଚଳକୁ ଆଣି ମହୋତ୍ସବ ମଞ୍ଚରେ ବସାଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ କରି ଦର୍ଶକମାନଙ୍କୁ ଖୁସି କରାଉଛନ୍ତି। ଏହା କଣ ମହୋତ୍ସବର ଲକ୍ଷ୍ୟ ଥିଲା ? ବାସ୍ତବରେ ମହୋତ୍ସବ ଜରିଆରେ ସେହି ଅଂଚଳର ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିତ୍ୱମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବିକଶିତ କରିବା ପାଇଁ ତଥା ସେ ଅଂଚଳର ବିକାଶର ଚିତ୍ର ସରକାରଙ୍କ ଦୃଷ୍ଟିକୁ ଆଣିବାରେ ସହାୟକ ହେବା ମୂଳ ଲକ୍ଷ୍ୟ ଥିଲା । ମାତ୍ର ତାହା ନହୋଇ କିଛି ରାଜନେତା ଓ ସେଲିବ୍ରେଟିମାନଙ୍କୁ ମଂଚାସୀନ କରି ଯାକଜାମକରେ ମହୋତ୍ସବ ହେଉଛି। ଯେଉଁଥିପାଇଁ ପାଇଁ କୌଣସି ସୁପ୍ରଭାବ ପରିଲକ୍ଷିତ ହେଉନାହିଁ। କେବଳ ଅନେକ ଟଙ୍କା ବ୍ୟୟ କରି ଯୁବକ ଯୁବତୀମାନେ ଖୁସି ମସ୍ତି କରୁଛନ୍ତି।

ଏପରିସ୍ଥଳେ ଆୟୋଜକ ବନ୍ଧୁମାନେ ଯଦି ଉକ୍ତ ବିଷୟକୁ ଧ୍ୟାନରେ ରଖି ମହତ୍ସବ ଆୟୋଜନ କରନ୍ତି ତେବେ ସେ ଅଂଚଳର ବିଭିନ୍ନ ପ୍ରତିଭାଧାରୀମାନେ ଗୋଟିଏ ପ୍ଲାଟଫର୍ମ ପାଇବା ସହ ସେ ଅଂଚଳର ବାସ୍ତବ ବିକାଶ ହୋଇପାରିବ।

+ଆଇନଜୀବୀ
ସଭାପତି, ଫିଡରର
ବାଲେଶ୍ୱର

# ମାତୃଭାଷା ଶୁଦ୍ଧ ଦରକାର



## କବି ପୂର୍ଣ୍ଣଚନ୍ଦ୍ର ସେଠୀ

ଭାଷା ଅଟେ ମାଆ ଆମ
ଭୁଲିଲେଣି ଅନେକେ,
ମାତୃଭାଷା ଓଡ଼ିଆକୁ
ପାସୋରନ୍ତି କେତେକେ।
(ଏକ)

'ବ୍ୟାସକବି' କହିଥିଲେ
ପଢ଼ ପଢ଼ ଇଂରାଜୀ,
ମାତୃଭାଷା ଓଡ଼ିଆକୁ
ଦିଅ ନାହିଁ ବରଜି। (ଦୁଇ)

ଭାଷାଶୁଦ୍ଧ କରବନ୍ଧୁ
ରଖିବ ସେ ମହତ୍,
'କନ୍‌ଫୁସି – ୟସ୍' ମତ
କରିବେ ଏ ବରତ । (ତିନି)

ବି.ଦ୍ର : ଚୀନ୍‌ର ସୁବିଖ୍ୟାତ ଦାର୍ଶନିକ 'କନ୍‌ଫୁସିୟସ୍'ଙ୍କୁ ଜଣେ ପଚାରିଥିଲେ – " ଆଚ୍ଛା, ଆପଣଙ୍କୁ ଯଦି ଚୀନ୍‌ର ରାଜା କରି ଦିଆଯାଏ ତେବେ ସର୍ବ ପ୍ରଥମେ ଆପଣ କେଉଁ କାମ କରିବେ, ଏହାର ଉତ୍ତରରେ ସେ କହିଥିଲେ ସର୍ବ ପ୍ରଥମେ ମୁଁ ଭାଷା ଶୁଦ୍ଧ କରିବି ।କାରଣ ଭାଷା ଶୁଦ୍ଧି ବିନା କୌଣସି ଭାବ ଓ ବିଚାର ଠିକ୍ ଭାବରେ ବୁଝି ହୁଏନାହିଁ । ଭାବ ଓ ବିଚାର ଠିକ୍ ଭାବରେ ବୁଝି ନ ପାରିଲେ ନ୍ୟାୟ ମିଳି ପାରିବ ନାହିଁ।

ଯଦି ଠିକ୍ ଭାବରେ ନ୍ୟାୟ ନ ମିଳେ, ତେବେ ଅସନ୍ତୋଷ ବଢ଼ି ଦେଶରେ ଘୋର ଅରାଜକତା ଦେଖାଦେବ । ଯଦି ଏହିପରି ଅରାଜକତା ଦେଶରେ ଲାଗି ରହେ, ତେବେ ଦେଶର ପତନ ନିଶ୍ଚୟ ଘଟିବ ।" ଏଣୁ ନିଜ ମାତୃଭାଷାକୁ ଶୁଦ୍ଧ କରିବା ପ୍ରତ୍ୟେକ ମାତୃଭାଷା ପ୍ରେମୀଙ୍କର ଆଜିର 'ଫେବୃଆରି ୨୧ ତାରିଖ ବିଶ୍ୱ ମାତୃଭାଷା ଦିବସ'ରେ ପ୍ରଥମ କର୍ତ୍ତବ୍ୟ ହେବା ଦରକାର।

+ରାଜ୍ୟପାଳ ପୁରସ୍କୃତ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
କବିନିବାସ – ଇଶାଣୀ,
ସାହାଦା, ବାଲେଶ୍ୱର-୨
ମୋ: ୯୭୭୮୧୮୪୪୯୪

# ଏ ବର୍ଷ ବଜେଟ ଭଲ ନା ଖରାପ ?



## ସୁବ୍ରତ କର

ଗତକାଲି ଅପରାହ୍ନରେ ସରକାର ଏ ବର୍ଷର ବଜେଟ ଏସେମ୍ବ୍ଲୀରେ ଉପସ୍ଥାପନ କରିଲେ । ମୋତେ ଯଦି ଉପସ୍ଥାପିତ ବଜେଟରୁ କିଛି ଫାଇଦା ମିଳିଲା ବା ମୋର ଲୋକଙ୍କୁ ତେବେ ମୁଁ କହିବି ଏ ବର୍ଷ ବଜେଟ ଲୋକାଭିମୁଖୀ ବଜେଟ । ଯଦି ଓଲଟାଟି ହେଲାମାନେ ମୋତେ କେଉଁ ଭାବରେ ସୁହାଇଲା ନାହିଁ ତେବେ ମୋ ପାଇଁ ବଜେଟ୍‌ର ମୂଲ୍ୟ କିଛି ନାହିଁ । ପରେ ପରେ ଆମ ରାଜ୍ୟରେ ସାଧାରଣ ଜନତାଙ୍କ ବଜେଟ ପ୍ରତି ବିଶେଷ ଆଗ୍ରହ ନଥାଏ। କାରଣ ପ୍ରାୟ ୩ ଲକ୍ଷ ୧୦ କୋଟି ଟଙ୍କାର ମୂଲ୍ୟ ଆକଳନ କରିବା ସାଧାରଣ ଜନତା ଚିନ୍ତା କରନ୍ତି ସେମାନଙ୍କୁ ସରକାର ତରଫରୁ କଣ କଣ ସୁବିଧା ସୁଯୋଗ ମିଳିବ ବା ଭବିଷ୍ୟତରେ ମିଳିବ ? ଭଦ୍ରକରେ ମେଡିକାଲ କଲେଜ ବା ୟୁନିଭର୍ସିଟି ହେବ ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ । ଅତୀତରେ ଗୋଟାଏ ୟୁନିଭର୍ସିଟି ଥିଲା ପରେ ଆଉ ଦୁଇଟି ଯୋଡ଼ିଲା ଏବଂ ୧୭ଟା ୟୁନିଭର୍ସିଟି । ଫରକ୍ କେଉଁ ଜାଗାରେ ? କୌଣସି ଗୋଟାଏରେ ବି କୂଳପତି ନାହାନ୍ତି ସବୁଠାରେ କାମଚଳା କୂଳପତି ବର୍ଷ ବର୍ଷ ଧରି । ସବୁ କ୍ଷେତ୍ରରେ ଏଭଳି ଅବସ୍ଥା। ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲରେ ପଢ଼ାଇବା ପାଇଁଢ ମାଷ୍ଟର ନାହାନ୍ତି, ଭ୍ରଷ୍ଟାଚାର ଚାରିଆଢ଼େ । ଗତକାଲି ୨ ଜଣ ତହସିଲଦାର ଭ୍ରଷ୍ଟାଚାରରେ ଲିପ୍ତ ହୋଇ ଜେଲ ହାଜତରେ ଆଜି ଜଣେ ଫରେଷ୍ଟର ଧରା ପଡ଼ିଛନ୍ତି ଯେ ତା'ର ଭିଜିଲାନ୍ସ ବିଭାଗ ଅମାପ ସମ୍ପତ୍ତିକୁ କାଗଜ କଲମକୁ ଆଣି ପାରୁ ନାହାନ୍ତି । ଦୁଇ ବର୍ଷ ପରେ ମଧ୍ୟ ମନ୍ତ୍ରୀ ପଦ ପୂରଣ ହୋଇ ପାରୁନାହିଁ କି କରପୋରେସନ୍‌ରେ ଚେୟାରମେନ୍ ପଦ ମଧ୍ୟ । ଏବେ ଆସିବା ପ୍ରଥମ ବଜେଟର ମଧ୍ୟ ସରକାର ପ୍ରାୟ ୨ ଲକ୍ଷ ୯୦ ହଜାର କୋଟିରୁ ୧ ବର୍ଷ ବଜେଟକୁ ବଢ଼ାଇ ୩ ଲକ୍ଷ ୧୦ ହଜାର କୋଟି କରିଛନ୍ତି । ସବୁଠୁ ଦୁଃଖର କଥା ଗତ ୧୦ ମାସରେ ମୋଟ ବଜେଟର ମାତ୍ର ୫୭ ପ୍ରତିଶତ ଖର୍ଚ୍ଚ କରିଛନ୍ତି । ଆଉ ରହିଲା ୨ ମାସ ଭିତରେ କଣ ୪୩ ଭାଗ ଖର୍ଚ୍ଚ କରିପାରିବେ ? ସରକାରଙ୍କ ୨୨ ବିଭାଗ ୫ ଶତକଡ଼ା ୫୦ ଭାଗ ଟଙ୍କା ଚଳିତ ବର୍ଷ ଖର୍ଚ୍ଚ କରି ପାରି ନାହାନ୍ତି । ତେବେ ଏହିସବୁ ବିଭାଗ କେବେ ଖର୍ଚ୍ଚ କରିବେ ଏବଂ କେମିତି କେଉଁ ବାଟରେ। ଏହି ଜାଗାରେ ସରକାରୀ ବାବୁ ମାନଙ୍କୁ ଗଲତି କରିବା ପାଇଁ ସୁଯୋଗ ମିଳିଥାଏ ଏବଂ ଯେତେ ପ୍ରକାରର ବେନିୟମ କାମ ହେଉ ବା ଭ୍ରଷ୍ଟାଚାରରେ ଲିପ୍ତ ରହି ଟଙ୍କା ଖର୍ଚ୍ଚ କରିବା ପାଇଁ ଚେଷ୍ଟା କରା ହୋଇଥାଏ । ସରକାର ଏଭଳି ସୁଯୋଗ ସରକାରୀ ବାବୁମାନଙ୍କ ପାଇଁ ତିଆରି କରନ୍ତି କାହିଁକି ? ଏଥିରୁ ସ୍ପଷ୍ଟ ହେଉଛି ଏହି ଦଶ ମାସ ବାବୁମାନେ ଗୁରୁତ୍ୱ ଦେଲେ ନାହିଁ, ଅୟାସ କଲେ ଏବେ ଅକଲରେ ବାବୁମାନେ ଜାଣିଛନ୍ତି ଟଙ୍କା ଖର୍ଚ୍ଚ କରି ନ ପାରିଲେ ମଧ୍ୟ ବାହାରି କିଛି ହବାର ନାହିଁ । ନା ମନ୍ତ୍ରୀ ବାବୁଙ୍କର ନା କିରାଣୀ ବାବୁଙ୍କର । ଏ ପ୍ରକାରର ଅଭ୍ୟାସ ସବୁ ସରକାରଙ୍କ ଠାରେ ଥାଏ କିନ୍ତୁ ଅଭ୍ୟାସ ନ ବଦଳେ ବଜେଟରେ ଗୁରୁତ୍ୱ ରହିବ ନାହିଁ ।




## ଛବି

### ସୁନନ୍ଦା ମହାନ୍ତି

ମାତୃଭାଷାର ପ୍ରଥମ ସୋପାନ
ଛବି ଦେଖି କିଛି କୁହ
ମାଆ ଓଠ ତଳ କମ୍ପନ ଧ୍ୱନି
ଅସହାୟତାର ଲୁହ
ସେଇ ଛବିଳ ମଧୁ ବର୍ଣ୍ଣବୋଧ
ଜାଗୃତି ବାରତା ନିଅ
ଶିଶୁ ଛବି ପ୍ରିୟ ଗୀତ ଗଳ୍ପ କଥା
ଛବିରେ ତାକୁ ଦିଅ
ଅତୀତ ଛବି ଜୀବନ୍ତ ବୋଲି
କିଏ ନଜାଣିଛି କହ
ଗାଥା କିମ୍ବଦନ୍ତୀ ଇତିହାସ ଛବିରେ
ବୁଝିହୁଏ ମାୟା ମୋହ
ଛବି ଦେଖି ଶିଖି ପଢି ଲେଖି ବୁଝି
ଜଗତରେ ବଡ଼ ହୁଅ
ପ୍ରଥମ ଛବି ଯେ ଆଖିରେ ନାଚୁଛି
ବୋଉ ପରି କିଏ ଆଖିରୁ ପୋଛିବ ଲୁହ
ଯେତେ କର ଅଗ୍ରଗତି ଆଣି ଜାଗୃତି
ମନ ତଳେ ଛବି ଗନ୍ତାଘର ରଖିଥାଅ
ଛବି ହିଁ ଅକ୍ଷର ଧ୍ୱନି ଶବ୍ଦ ସମାହାର
ଭାଷା ପାହାଚର ପ୍ରଥମ ଅ,କ ଖ ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ସ୍ୱପ୍ନ

### ସଂଜୀବ କୁମାର ଶତପଥି



ସ୍ୱପ୍ନ ସବୁ ପଇଁତରା ମାରୁଛନ୍ତି ରାଜ ରାସ୍ତାରେ
ଏକ ବଡ଼ ଆନ୍ଦୋଳନ ପାଇଁ
ଆମ ସନିଆ ବା ସପନ ଦେଖୁଛି ଦିନରେ
ରାଜକୁମାରୀ ବାହାହେବା ବୋଲି

ପାହାନ୍ତିଆ ସ୍ୱପ୍ନ ସତ ହୁଏ ବୋଲି କେଉଁଠୁ
ଶୁଣିଲା କେ ଜାଣେ ରାତିସାରା ଉଜାଗର ରହିଛି
ପାହାନ୍ତିଆ ରେ ସ୍ୱପ୍ନ ସବୁକୁ ଦେଖିବା ପାଇଁ

ଏ ସ୍ୱପ୍ନ ସବୁ ବି ଦରକାର ବେଳେ ଛୁଆଁ ଦିଏ ନା
ଆଉ ଅଲଗା ବେଳେ କାହିଁରେ କେତେ
ଉକିଆ ମା ବି ସ୍ୱପ୍ନ ଦେଖୁଛି କେବେ ତାକୁ
ସରକାରୀ ଘର କି ଭଡା ଖଣ୍ଡେ ମିଳିବ
ଘର ଭିତରେ ଦିନରେ ବି ଜହ୍ନ ଦିଶେ

ଜହ୍ନ ସହ ସ୍ୱପ୍ନରେ ବେଶି କଥା ହୁଏ
ଏ ସ୍ୱପ୍ନ ବିନା ବଡ଼ ଅଜବ ଓ ଜିଦଖୋର
କିଏ କିଏ ନିଜ ସ୍ୱପ୍ନକୁ ଅଚିରେ ପୁରା କରନ୍ତି
ପୁଣି ତମାମ ଜୀବନ କଟିଯାଏ ପୁରା କରିବା ପାଇଁ
ସ୍ୱପ୍ନ ସବୁ ବିଭୋର ଆଉ କାହା ପାଖାରେ

ସ୍ୱପ୍ନ ଏକ ଦିଗନ୍ତ ବିସ୍ତାରି ପ୍ରେମର ଇସ୍ତିହାରରେ
ସ୍ୱପ୍ନ ଏକ ନାୟକ ନାୟିକାର ଖୋଲା ବହି
ପ୍ରେମର ବତିଶି ନ ପୃଷ୍ଠାରେ ।

+କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭

# ସାଆନ୍ତଙ୍କ ଶେଷହସ



ପ୍ରଫୁଲ୍ଲ ବାରିକ



ଦୁଇପିଢ଼ି ଧରି ରହିଆସିଛି ମହାପାତ୍ର ବଂଶର ପତିଆରା । ପୂର୍ବପିଢ଼ିରେ ଯେତେଟା ନଥିଲା, ଏବେ ଅନୁଭୂତ ପ୍ରବଳଭାବେ । ଯିଏବି କହିବ । ଦିବାଲୋକ ପରି ସତ୍ୟର ଅନୁଭବ ସମସ୍ତଙ୍କର । ତାହାହେଲା ପିଢ଼ିମୁଖ୍ୟ ନୃସିଂହ ଚରଣଙ୍କ ଥାଟପାଟ। ପରମ୍ପରାବାଦୀ ନୃସିଂହ ଭାରି ସଚେତନ ବଂଶ ଆଭିଜାତ୍ୟ ଉପରେ । ବାପା କୃପାସିନ୍ଧୁ ଥାପିଥିଲେ ଆଭିଜାତ୍ୟର ପ୍ରଥମ ପାହାଚ । ସ୍ଥାନୀୟ ତହସିଲରେ ଥିଲେ ଆଡିସନାଲ । ସିଏପୁଣି ସିଧାସଳଖ ନୁହେଁ। ନାଜରରୁ ଚାକିରୀ ଅନ୍ତିମରେ ପ୍ରମୋଶନ ପାଇ ହେଇଥିଲେ ଆଡିସନାଲ । ଯାହାବିହେଉ, ଜଣେ ସରକାରୀ ଅଫିସର ଭାବେ ଯେତିକି ସମ୍ମାନ ସେ ପାଉଥିଲେ କର୍ମକ୍ଷେତ୍ରରେ, ଢେରଅଧିକ ପାଉଥିଲେ ଗାଁ'ରୁ । ପଚାସ ପରିବାରକୁ ନେଇ ମଧ୍ୟମବର୍ଗର ଗାଁ'ରେ ଅଶିକ୍ଷିତ ମଣିଷମାନଙ୍କର ଥିଲେ ସିଏ ଦେବତା ସମାନ । ସମ୍ମାନର । ଶ୍ରଦ୍ଧାର । ତାଙ୍କ ଯିବାପରେ ଆସିଲେ ନୃସିଂହ, ତାଙ୍କ ପର ପିଢ଼ି । ପ୍ଲସ ଟୁ ସାରୁସାରୁ ଇଣ୍ଟରଭ୍ୟୁ ଦେଇ ପାଇଥିଲେ ଅମିନ ଚାକିରୀ । ସରକାରୀ ଅମିନ ପରି ଚାକିରୀ ପାଇ ତାକୁ ହାତଛଡା ନକରିବାକୁ ମୁହଁ ଫେରେଇଥିଲେ ପଢ଼ାରୁ । ଭାବିଥିଲେ ପରେ ଉପରକୁ ଯିବେ ବାପାଙ୍କ ପରି। ଗଲେଯେ ଅଧିକ ଆଗକୁ ନଯାଇପାରି ନାଜରରୁ ଅବସର ନେଲେ। ସେଥିରେବି ସେ ସନ୍ତୁଷ୍ଟ ଢେର ।

ଚାକିରୀ ଥିଲା ତାଙ୍କ ପତିଆରାର ମୂଳାଧାର। ହେବା ସ୍ୱାଭାବିକ । ସେତେବେଳର ଅବସ୍ଥା ଯାହା, ଦରପାଠୁଆ ଗାଁ ଲୋକଙ୍କ ଭିତରେ ପାଠୁଆ ସରକାରୀ ଚାକିରିଆ ପୁଣି ତହସିଲ ଅଫିସରେ, ବଢ଼େଇ ଦେଉଥିଲା ଇଜ୍ଜତ ସମ୍ମାନ ଢେର ଉପରକୁ । ଗାଁ'ରେ ଥିଲେ ମୁକୁଟ ବିହୀନ ସମ୍ରାଟ ସିଏ । ଅବସର ପରେ ଲୋକେ ଡାକିବାକୁ ଆରମ୍ଭ କଲେ ତାଙ୍କୁ ସାଆନ୍ତେ । ବୟସ ହେଇସାରିଥିଲା। ଗାମ୍ଭୀର୍ଯ୍ୟ ବେଶ ପ୍ରକାଶ ପାଉଥିଲା ଶରୀରର ସବୁ ଅଂଗରୁ । ଠାଣିବାଣୀ ସବୁଥିରୁ । ଏଣିକି ସାଆନ୍ତେ ଗାଁ'ର ମୁଖ୍ୟମୁରବି। ସବୁକାମରେ ଲୋଡ଼ା ତାଙ୍କୁ । ମୁଖ୍ୟ ଭୂମିକାରେ ସିଏ । ଗାଁ ସଭାରୁ ଖ୍ୟାତି ଚରିଗଲା ପଂଚାୟତ ଗୋଟା । ସବୁ ମିଟିଂରେ ସେ ରହିବେଇ । ତାଙ୍କ ସିଦ୍ଧାନ୍ତକୁ ମାନ୍ୟତା ସବୁଠି । ସମତାଳରେ ବୃଦ୍ଧିପାଉଥିଲା ନୃସିଂହଙ୍କ ପତିଆରା ମିନାର । ଲମ୍ବୁଥଲା ଭୂମିରୁ ଆକାଶ । ଅଳ୍ପ କହିବା, ଦାମୀକଥା କହିବା, ଅନୁରୋଧ ନୁହେଁ ବଡ଼ପାଟି କରି ଫି'କଥାରେ ଧମକେଇବା ଏଣିକି ତାଙ୍କ ଚରିତ୍ର। ବାଟଯିବା ଲୋକ ଆଣ୍ଠୁଭାଙ୍ଗି କୁର୍ନିସ କରୁଥିଲେ । ନୃସିଂହ ହେଇସାରିଥିଲେ ଗାଁ'ର ଈଶ୍ୱରଙ୍କର ନୃସିଂହ ଅବତାର । ଯୋଡହସ୍ତେ କଥା ତାଙ୍କସହ । ଦୂରରୁ ବାଟଭାଙ୍ଗି ଯା'ଆସ। ନୃସିଂହଙ୍କ ମୁହଁରେ ଶେଷହସ କେବେ ଦେଖିଥିଲେ ଲୋକେ, ମନେ ପକେଇ ପାରନ୍ତି ନାହିଁ । ସାଆନ୍ତେ କହିଲେ ବୁଝନ୍ତି ଏକ ଗର୍ଜିଲା ସିଂହ । ଯିଏ ଝାମ୍ପ ମାରିବାକୁ ତୟାର ସବୁବେଳେ । କେବେ ହସନ୍ତି ନାହିଁ । ବରଂ ମୁହଁରେ ଗୋଟେ ଆଭିଜାତ୍ୟର ମୁଦ୍ରାଧରି ସାଧାରଣ କଥାକୁ ବୀରାଟ କରି ତୋଳି ଧରନ୍ତି ସମସ୍ତଙ୍କ ଆଗେ । କୁଟାରେ ଛିଣ୍ଡୁଥିବା କଥାକୁ କାଠିଲଗେଇ ତାର ଭୟାବହାତାକୁ ଉପଲବ୍ଧି କରାନ୍ତି ଲୋକଙ୍କୁ ଜବରଦସ୍ତି । ଲୋକଙ୍କର ଧାରଣା, ବୀରାଟ ସମସ୍ୟାକୁ ସାଆନ୍ତେ ନିପିଟେଇ ଦେଲେ ଆଙ୍ଗୁଳି ଚୁଟକୀରେ। ଏସବୁଯେ ସାଆନ୍ତଙ୍କ ପ୍ରାୟୋଜିତ କରିସ୍ଥା, କେହି ଜାଣି ପାରନ୍ତିନି । ଉଦ୍ଦେଶ୍ୟ କେବଳ ଗୋଟିଏ । ତାହା ହେଲା ଆପଣାର ପାରିବାପଣକୁ ସାଧାରଣରେ ସାବ୍ୟସ୍ତ କରିବା।

ସମୟ ଗଡିଚାଲେ ତା ରାସ୍ତାରେ । ସାଆନ୍ତେ ଧୀରେଧୀରେ ହୁଅନ୍ତି ବୁଢ଼ା । ଗର୍ଜନବି କ୍ରମେ ଶିଥିଳ ହେଇଆସେ । ବହପରେ କିନ୍ତୁ ପଡୁନଥାଏ ଧୂଳିଟିପେ । ଲୋକେ ଦୂରତା ଓ ସଂଭ୍ରମ ରଖି ଚଳୁଥାଆନ୍ତି ସାଆନ୍ତଙ୍କୁ । ସାଆନ୍ତଙ୍କ ମୁହଁ ଏଣିକି ପରିବର୍ତ୍ତିତ ହେଉଥିଲା ନିର୍ମେଘ ଆକାଶରେ ଗର୍ଜୁଥିବା ବାଦଲକୁ । ବିଶେଷକରି ନୂଆପିଢିଙ୍କ ପାଇଁ ସମ୍ମାନ ବଦଳରେ ସାଆନ୍ତେ ହେଲେ ଗୋଟେ ଜୋକର, ଯିଏ ବ୍ୟାକୁଳ ଇଜ୍ଜତ ଓ ପ୍ରତିପତ୍ତି ପାଇଁ । ଏକଥାକୁ ବେଶ ବୁଝୁଥିଲେ ନୂଆପିଢ଼ି।

ସେଦିନ ଥାଏ ଗାଁ'ରେ ସାଧାରଣ ସଭା । ଅତୀବ ଗୁରୁତ୍ୱପୂର୍ଣ୍ଣ । ବୃଦ୍ଧ ସାଆନ୍ତଙ୍କୁ ବସେଇ ନୂଆକରି ବଛାଯିବ ମୁରବି । ସେଇହେବ ସାଆନ୍ତଙ୍କ ପରବର୍ତ୍ତୀ ଗାଁ ମୁଖିଆ । ପ୍ରସ୍ତାବ ଆସିଲା ଏକାଧିକ ନାଁ'ରେ । ଯିମିତି ଆସୁଥିଲା, କାଟ ଖାଉଥିଲା ଗୋଟିକ ପରେ ଗୋଟିଏ । କେହି ସାଆନ୍ତଙ୍କ ବିରୁଦ୍ଧରେ,ତ କିଏ ସାଆନ୍ତଙ୍କ ମୁହଁକୁ ଅନେଇଦେଇ ଅରାଜି ହେଉଥିଲେ ମୁଖିଆପଦ ନେବାକୁ । ବିଶେଷକରି ସାଆନ୍ତଙ୍କ ଜୀବିତ ଅବସ୍ଥାରେ । ମୃତଚ ସାପକୁବି ଡରିବା ପରି ଭୟ ସଂଚାର କରୁଥିଲା ସାଆନ୍ତଙ୍କ ମୁହଁ ଓ ତାଙ୍କ ଜଳୁଥିବା ଆଖିଯୋଡିଏ । ଶେଷରେ ସମସ୍ୟା ଠିଆହେଲା କିଏତେବେ ସମାଳିବ ମୁଖିଆପଦ । ଜଣେ ଠିଆହେଇ ଯୋଡହସ୍ତେ କହିଲେ, ସାଆନ୍ତେ ଏବେବି ସକ୍ଷମ । ସମ୍ପୂର୍ଣ୍ଣ ଅକ୍ଷମ ନୁହନ୍ତି । ମୁଖିଆ ବଛାଯିବ ଏଇ ଗାଁ'ରୁ । ହେଲେ ଏବେ ନୁହେଁ । ସାଆନ୍ତଙ୍କ ଅନ୍ତିମ ବିଦାୟ ପରେ । କଥାଟା ସଭିଙ୍କ ମନକୁ ପାଇ ଚିନ୍ତାଦୂର ହେଉଥିବା ବେଳେ ଟୋକାମାନେ ଅନେଇ ଥାଆନ୍ତି ସାଆନ୍ତଙ୍କ ମୁହଁର ପ୍ରତିକ୍ରିୟାକୁ । ଯୋଉ ଦୃଶ୍ୟ ସେ ଦେଖି ଇସାରାରେ ଦେଖେଇଲେ ଉପସ୍ଥିତ ସମସ୍ତଙ୍କୁ, ତାହା ହେଲା ସାଆନ୍ତଙ୍କ ହସ । ସାଆନ୍ତେ ହସୁଥିଲେ ନିଶବ୍ଦେ, ସଗୌରବେ । ବୋଧହୁଏ ତାହାହିଁ ଥିଲା ସାଆନ୍ତଙ୍କ ଶେଷହସ ମାଟିରୁ ବିଦାୟ ନେବାଯାକେ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ମାଉଥ୍ ଅର୍ଗାନ୍

ଜ୍ଞାନେନ୍ଦ୍ର କୁମାର ପଣ୍ଡା





ସେ ବସିଥିଲା ମେଡ଼ିକାଲ କଲେଜ ପାଚେରୀ ତଳେ । ତା' ଗଭୀର ଆଖି ଦୁଇଟି ଉପରେ ଥିଲା ପାଖାପାଖି ସତୁରି କି ପଞ୍ଚସ୍ତରୀଟି ଶୀତର ଧୂସର ଆସ୍ତରଣ। ମୁହଁରେ ଘଞ୍ଚ ଅବିନ୍ୟସ୍ତ ସଫେଦ ଦାଢ଼ି ସହିତ ମୁଣ୍ଡରେ ଦୀର୍ଘ ଓ ଅସଜଡ଼ା ସମ୍ପୂର୍ଣ୍ଣ ଧଳା ବାଳଗୁଡ଼ିକ ଆଚ୍ଛନ୍ନ କରି ରଖିଥିଲା ତା' ମୁହଁଟିର ଅର୍ଦ୍ଧାଧିକ ଭାଗକୁ । ଅଦ୍ଭୁତ ଦିଶୁଥିବା ସେ ଲୋକଟିକୁ ଦେଖିଲେ ମନେହୁଏ, ସେ ଯେମିତି ପାଗଳଟିଏ ନଚେତ୍ ଜଣେ ଗଭୀର ତତ୍ତ୍ୱବିତ୍ ଦାର୍ଶନିକ ହୋଇଥିବ ।

ମେଡିକାଲ୍ କଲେଜର ବିଶାଳ ପଥର କାନ୍ଥର ଛାଇ ତଳେ ସେ ଥିଲା ଗୋଟିଏ ନିଃଶବ୍ଦ କାହାଣୀ ପରି । ଅବଶ୍ୟ ଲୋକଟି ଏଇଠିକୁ ଆସିବା ପୂର୍ବରୁ ଦୁଇ ମାଇଲ ଦୂର ରାସ୍ତାର ଗୋଟିଏ ଶୁନଶାନ୍ ଛକ ନିକଟରେ ବସୁଥିଲା । କିଛି ଡାକ୍ତରୀ ଛାତ୍ର ସେହି ଅପରିଚିତର ଓଠରୁ ନିର୍ଗତ ଧୂନ୍‌ରେ ଆକର୍ଷିତ ହୋଇ ତାକୁ ଏଠାକୁ ଉଠାଇ ଆଣିଥିଲେ ।

ଲୋକଟି ପାଖରେ ଜିନିଷ ବୋଲି କହିଲେ ଥିଲା କେବଳ ଏକ ପୁରୁଣା ହାତ ଥଳି ଏବଂ ଗୋଟିଏ ମାଉଥ୍ ଅର୍ଗାନ୍।

ଦିନର ଅଧିକାଂଶ ସମୟ ସେହି ମାଉଥ୍ ଅର୍ଗାନ୍‌ରେ ସେ ନିଜ ପ୍ରାଣର ସ୍ୱର ଫୁଙ୍କୁଥିଲା । ସେ ସଙ୍ଗୀତ ଏଡ଼େ ସୁମଧୁର ଥିଲା ଯେ ଉକ୍ତ ସଡ଼କ ଦେଇ ଯିବାଆସିବା କରୁଥିବା ପଥିକମାନଙ୍କ କାନରେ ପଡ଼ିଲେ ସେମାନଙ୍କ ମଧ୍ୟରୁ କେହି କେହି ପ୍ରାୟତଃ ସ୍ଥାଣୁ ହୋଇ ମୁହୂର୍ତ୍ତଟିଏ ସେହିଠାରେ ଛିଡ଼ାହୋଇ ରହୁଥିଲେ। କ୍ଳାନ୍ତଟିଏ ବି ନିଜର ସବୁ ଦୁଃଖ ଭୁଲି ବୃଦ୍ଧର ସେହି ସଙ୍ଗୀତ ଧୂନରେ କେତେ ସମୟ ଧରି ହଜିଯାଉଥିଲା ।

ଗୋଟିଏ ସକାଳ... ସବୁ କିଛି ଥିଲା ନିସ୍ତବ୍ଧ ।

ମେଡ଼ିକାଲ କଲେଜ ରାସ୍ତା ଅନ୍ୟ ଦିନମାନଙ୍କ ପରି ଭିଡ଼ ଭାରାକ୍ରାନ୍ତ ତ ଥିଲା, ଅଥଚ ସେଦିନ ମାଉଥ୍ ଅର୍ଗାନ୍‌ର ସ୍ୱର ସକାଳରୁ ଶୁଭୁନ'ଥିଲା ଆଉ ।

ଭିକାରୀ ପରି ଦେଖାଯାଉଥିବା ସେ ଲୋକଟି ନିଜ ଛାତି ଉପରେ ହାତ ରଖି ସମ୍ପୂର୍ଣ୍ଣ ନିଶ୍ଚଳ ହୋଇ ତଳେ ପଡ଼ିଥିଲା । ଆଖି ଦୁଇଟି ତା' ପୁରାପୁରି ସ୍ଥିର । ଯେମିତି ସେ ଆକାଶର କେଉଁ ରହସ୍ୟ ବିନ୍ଦୁକୁ ଏକଲୟରେ ଚାହିଁ ରହିଛି ।

ଡାକ୍ତରୀ ଛାତ୍ରମାନେ ତାକୁ ପରୀକ୍ଷା କରି ହସ୍ପିଟାଲ ଭିତରକୁ ନେଇଗଲେ । ଇତିମଧ୍ୟରେ ସେ ମରିସାରିଥିଲା । ସନାକ୍ତ ନିମନ୍ତେ ଖୋଜାଖୋଜି କଲାରୁ ତା' ହାତମୁଣାରୁ ବାହାରିଲା ଗୋଟିଏ ମଇଳା ଡାଏରୀ । ଯେଉଁଥିରେ ଅଙ୍କିତ ହୋଇଥିଲା ସଙ୍ଗୀତର କିଛି ନୋଟ୍‌ସ । କେତୋଟି ପୃଷ୍ଠାରେ କିଛି କବିତା ।

ଏହା ଭିତରେ ଅନେକବେଳ ଧରି ଲୋକଟିର ସେହି ପ୍ରିୟ ମାଉଥ୍ ଅର୍ଗାନ୍‌ଟି କେଉଁଆଡ଼େ ଦିଶୁନଥିବା କଥାଟିକୁ ଲକ୍ଷ୍ୟ କରିନଥିଲେ କେହି। ହଠାତ କେହିଜଣେ କଥାଟି ଉତ୍ଥାପନ କରନ୍ତେ ଭିଡ଼ ଭିତରୁ ଆଉ ଜଣେ କହିଲା କି, ମେଡ଼ିକାଲ ପଶ୍ଚାତ ଗଳି ଭିତରେ ରହୁଥିବା ସେ ଖେଚଡ଼ ପିଲାଟି ତାହା ଚୋରି କରିନେଇଛି । ଘଟଣାଟି ଘଟିବା ପରେ ପାଗଳ ଜଣକ ମାଉଥ୍ ଅର୍ଗାନ୍‌ଟିକୁ କେତେ ସମୟ ଧରି ଏଣେତେଣେ ଖୋଜିବାର ଦେଖା ଯାଇଥିଲା । ଶେଷରେ ତା' ପ୍ରିୟ ଚିଜର ସନ୍ଧାନ ନ'ପାଇ ହୁଏତ ନିରାଶ ହୋଇପଡିଥିଲା ଲୋକଟି । କେତେ ସମୟ ଧରି ଶୂନ୍ୟକୁ ଅନେଇ ରହିବା ପରେ କଂକ୍ରିଟ ଉପରେ ଗଛ କାଟିଲା ପରି ପଡ଼ିଯାଇଥିଲା । ତା'ପର ଠାରୁ ଆଉ ଉଠିନ'ଥିଲା ସିଏ ।

- 'ଲୋକଟିର ଶରୀରରେ ହୃଦୟ ହିଁ ନାହିଁ !'

ବୃଦ୍ଧର ଶରୀରକୁ ପରୀକ୍ଷା କରି ଡାକ୍ତରମାନେ ଆଶ୍ଚର୍ଯ୍ୟଜନକ କଥାଟି ଘୋଷଣା କଲେ । କିନ୍ତୁ ଏହା କେମିତି କଥା ? ମଣିଷ ବୁଝିଥିବା ବିଜ୍ଞାନ ଅଟକିଗଲା ତା' ନିଜର ସୀମାରେ । ଏହା ହିଁ ବିଚିତ୍ର ସତ୍ୟ ଯେ ଚିକିତ୍ସାବିଜ୍ଞାନୀଙ୍କ ଭିତରେ ଥାଏ ସବୁକିଛି ଜାଣିଥିବା ଗୋଟିଏ ପ୍ରକାର ଶ୍ରେଷ୍ଠତ୍ୱ 'ନାର୍ସିସିଷ୍ଟ ପର୍ସନାଲିଟି ଡିସଅର୍ଡ' ପରି ମାନସିକ ସ୍ଥିତି । 'ହାଇପର ରେସନାଲିଜିମ୍' ଭଳି ବିଚିତ୍ର ପେଷାଗତ ଦୀର୍ଘକାଳୀନ ରୋଗ ଭୋଗୁଥିବା ସାରା ସଂସାରର ଡାକ୍ତର ରୋଗୀର ଅସଲି ଅଦୃଶ୍ୟ ସ୍ଥିତିକୁ ନିଜ ସ୍ଥୂଳ ଦୃଷ୍ଟିରେ ଠଉରେଇ ନ'ପାରି ଚରମ ସତ୍ୟକୁ ଅଗ୍ରାହ୍ୟ କରିବସନ୍ତି। ବିଜ୍ଞାନ ଯନ୍ତ୍ରପାତିରେ ଯାହା ଦେଖାଯାଏ ନାହିଁ, ପ୍ରକୃତରେ ତାହାର ଅସ୍ତିତ୍ୱ ନାହିଁ ବୋଲି ସେମାନେ ଭାବନ୍ତି।

ପାଗଳ ପରି ଦିଶୁଥିବା ଲୋକଟିର ଏହି ଅବସ୍ଥାକୁ ଡାକ୍ତର ମାନେ 'ଏକାର୍ଡିଆ' (Acardia)ର ଆଖ୍ୟା ଦେଲେ । ଡାକ୍ତରମାନଙ୍କ ମତରେ, ବୃଦ୍ଧଟି ବହୁ ଆଗରୁ ତା' ନିଜ ଭିତରୁ ମରିସାରିଥିଲା। ସେମାନଙ୍କ ତର୍କ କହୁଥିଲା ଯେ ବିନା ହୃଦୟରେ ମଣିଷ ବଞ୍ଚିବା ଅସମ୍ଭବ। ମାତ୍ର ସେମାନେ ଜାଣିନ'ଥିଲେ ଯେ, ସେହି ଲୋକଟିର ହୃଦୟ କେବଳ ରକ୍ତ, ମାଂସର ପିଣ୍ଡୁଳା ନ'ଥିଲା ବରଂ ସେହି 'ମାଉଥ୍ ଅର୍ଗାନ୍' ହିଁ କେବେଠାରୁ ତା'ର ହୃଦୟ ପାଲଟିଯାଇଥିଲା। ଯେଉଁ ମୁହୂର୍ତ୍ତରେ ଲୋକଟି ଠାରୁ ତା'ର ସଙ୍ଗୀତକୁ ଛଡ଼ାଇ ନିଆଗଲା, ସେହି ମୁହୂର୍ତ୍ତରେ ଜୀବନର ଭ୍ରମ ମଧ୍ୟ ଭାଙ୍ଗିଗଲା ଲୋକଟି ଭିତରେ।

କୁହାଯାଏ ଆଜି ବି ରାତିର ନିଛାଟିଆ ଅନ୍ଧାରରେ, ଯେତେବେଳେ ନିଝୁମ୍ ଅନ୍ଧକାର ହସ୍ପିଟାଲର କରିଡ଼ରରେ ନିଜର ପଦଚାରଣା କରେ ଆଉ ଅଦୃଶ୍ୟ ମୃତ୍ୟୁର ଗନ୍ଧ ସେଠିକାର ଆଖପାଖର ଆବହାଓ୍ୱାରେ ଭରିଯାଏ, ଠିକ୍ ସେତିକିବେଳେ ମେଡିକାଲ କଲେଜର ପୋଷ୍ଟମର୍ଟମ୍ କକ୍ଷ ଝରକା କଡ଼ରୁ ଏକ ଅଦୃଶ୍ୟ ମାଉଥ୍ ଅର୍ଗାନ୍‌ର ଧୂନ୍ ଶୁଭେ । ରହସ୍ୟମୟ ସେ ସ୍ୱର ଶୋଇଥିବା ଲୋକକୁ ନିଦରୁ ଜଗାଏ । ସେ ସ୍ୱରର କୁହୁକରେ ନିଦ୍ରାହୀନତା ଭୋଗୁଥିବା ଲୋକଟିଏ ବି ଘଡ଼ିଏ ଦୁଇଘଡ଼ି ତନ୍ଦ୍ରା ବିଭୋର ହୁଏ ।

ହଁ, ସେଦିନର ପିଲାଟି ଯିଏ ଚୋରି କରିନେଇଥିଲା ପାଗଳ ପରି ଦିଶୁଥିବା ଲୋକଟିର ମାଉଥ୍ ଅର୍ଗାନ୍ । ଏବେ ସେ ଖେଚଡ଼ ପିଲାଟି ଅଦ୍ଭୁତ ଭାବରେ ଚୁପ୍ ରହେ । ଖୁବ ଶାନ୍ତ ଓ ଗମ୍ଭୀର ଦିଶେ । କିଛି ଲୋକ କହନ୍ତି - 'ପିଲାଟିର ଏ ପରିବର୍ତ୍ତନ ସେଦିନ ଠାରୁ ହୋଇଛି ଯେବେ ସେ ମରିଯାଇଥିବା ପାଗଳର ମାଉଥ୍ ଅର୍ଗାନ୍ ଚୋରି କରିଥିଲା । ହଁ ସେ ସିନା ଏମିତି ଚୁପ୍ ଦିଶେ କିନ୍ତୁ ତା' ଭିତରେ କୁଆଡ଼େ ନିରନ୍ତର ସଙ୍ଗୀତର ପ୍ରବାହ ବହେ।'

କଥାଟି ଶୁଣି ଆଶ୍ଚର୍ଯ୍ୟ ହୋଇ କେହି କେବେ ପଚାରିବସନ୍ତି,

- 'ସଙ୍ଗୀତ !'

ଉତ୍ତରରେ ଶୁଣିବାକୁ ମିଳେ,

- 'ଗୋଟିଏ ମାଉଥ୍ ଅର୍ଗାନ୍‌ର ।'

ଜିଜ୍ଞାସାବଶତଃ ଡାକ୍ତରମାନେ ଏବେ ବି ସେହି 'ଏକାର୍ଡିଆ'ର ରହସ୍ୟ ଖୋଜୁଥାଇପାରନ୍ତି । ଯାହାକୁ ମୃତ୍ୟୁ ବୋଲି ସେମାନେ କହୁଥିଲେ, ତାହା ତ ଏକ ରୂପାନ୍ତର ଥିଲା ।

ବୃଦ୍ଧର ସେହି 'ଏକାର୍ଡିଆ' ଶରୀର ଏବେ ବିଲୀନ ହୋଇ ଚିରନ୍ତନ ସଙ୍ଗୀତ ରୂପରେ ସଞ୍ଚାରିତ ହେଉଥିଲା ଚୁପଚାପ୍ ପାଲଟିଯାଇଥିବା ସେ ପିଲାଟିର ଆତ୍ମାରେ।

+ସୁନ୍ଦରୀ, ସୁନହଟ, ବାଲେଶ୍ୱର - ୨
(ମୋ ) ୯୮୬୧୧୧୬୩୮୦

# ଗ୍ରହଦୋଷ

ଘନଶ୍ୟାମ ପଲେଇ



ପାଖ ପ୍ଲାଣ୍ଟରେ ଚାକିରି କରେ ଆମ ଗାଁ ଟୁକୁନା। ଚାକିରି ସହ ବୁଢାବାପାଙ୍କୁ ଚାଷକାମରେ ବି ହାତ ବଢାଏ। ଆଜି ରବିବାର ଛୁଟି ଥିଲା। ସକାଳୁ ସକାଳୁ ବାପା କହିଲେ- ଟୁକୁନାରେ...ଟିକିଏ ଗଲୁ ବାପା ବିଲକୁ... ଦେଖିବୁ ଯା... ବର୍ଷା ତ ଛାଡିଗଲାଣି ତିନଦିନ ହେବ। ବିଲରୁ ପାଣି ଶୁଖି ଗଲାଣି କି କ'ଣ ଦେଖି ଆସିବୁ... ଆଉ ହଁ...ପାଣି କେଉଁବାଟେ ଗଳି ଯାଉଥିଲେ ହିଡ ବାନ୍ଧି ଦେବୁ। ଧାନ ଗଛସବୁ କେଡେ ଛନଛନିଆ ହେଇଛି... ପାଣି ଶୁଖିଗଲେ ମରିଯିବ ଅକାଳରେ।

ଟୁକୁନା କାନ୍ଧରେ କୋଦାଳଟେ ପକାଇ ଚାଲିଲା ସିଧାସିଧା ବିଲକୁ। ବିଲର ଶାଗୁଆ ଧାନ କିଆରୀକୁ ଦେଖି ଯେତିକି ଖୁସି ହେଲା ତା'ଠୁ ଅଧିକ ଦୁଃଖୀ ହେଲା ଗାଇଟିଏ ବିଲରେ ପଶି ଖାଉ ଥିବାରୁ। ରାଗି ଗଲା। ପାଖରେ କିଛି ନ ପାଇ ଘୋଉଡେଇବାକୁ ଯାଇ ଧିରକିନା ଫିଙ୍ଗିଦେଲା କୋଦାଳଟା। କୋଦାଳର ଧାରୁଆ ପଟ ଯାଇ ବାଜିଲା ବାମ ଗୋଡରେ। ଧାର ଧାର ରକ୍ତ ବୋହିଗଲା। ବିଚରା ଗାଇ ଛୋଟେଇ ଛୋଟେଇ ସିଧା ତା' ମାଲିକ ଘରକୁ ଚାଲିଗଲା।

କିଛି ଦିନ ହେଲା ଗାଇଟି ଆଉ ତା' ମାଲିକ ଘରୁ ବାହାରୁ ନ ଥିଲା। ତେଣୁ ଟୁକୁନା



ମନରେ ପାପ ଛୁଉଁଥାଏ। କାଳେ କିଛି ହେଲା କି.. ବେଶି ଖଣ୍ଡିଆ ହୋଇ ନାହିଁ ତ..? ପାପ ଲାଗିବ। ଗାଇ କଥା ଭାବି ଭାବି ମନଟା ଶଙ୍କି ଉଠୁଥିଲା। ମନର ଗ୍ଲାନି ଆଉ ମାଲିକର ଡର ବାଧା ଦେଲା ଯାଇ ଟିକିଏ ଦେଖି ଆସିବାକୁ।

ସପ୍ତାହେ ପରେ ସୁସ୍ଥ ହେଇ ଗାଇ ବାହାରିଲା। ଗାଇଟିକୁ ଦେଖି ଟୁକୁନା ଆଶ୍ୱସ୍ତ ହେଲା। ଯାହା ହେଉ ... ବିଶେଷ କିଛି ହୋଇ ନାହିଁ।

ପ୍ଲାଣ୍ଟରେ ସବୁ ବର୍ଷପରି ଏଥରକ ମଧ୍ୟ ଧୁମଧାମରେ ପାଳନ ହେଉଥାଏ ବିଶ୍ୱକର୍ମା ପୂଜା। ବାଇକ୍ ନେଇ ପୂଜା ଦେଖିବାକୁ ବାହାରିଲା ଟୁକୁନା। ସନ୍ଧ୍ୟା ସମୟରେ ଫେରିଲା ବେଳେ ଫାଟକ ପାଖରେ କିଛି ଗାଇବଳଦ ଛିଡା ହୋଇଥିଲେ। ହଠାତକିନା ଷଣ୍ଢଟାଏ ଗାଇଟିଏକୁ ଦୌଡେଇ ଆଣିଲା। ଗାଇଟି ତରବରରେ ବାଇକ୍ ଉପରେ ଚଢିଗଲା। ଟୁକୁନା ଭାରସାମ୍ୟ ହରେଇ ବାଇକ୍ ସହ ତଳେ ପଡିଗଲା। ପାଖରେ ଥିବା ଲୋକମାନେ ଦୌଡି ଆସିଲେ। ଦେଖିଲେ ଟୁକୁନାର ବାମ ଗୋଡରେ ଜାକି ହୋଇ ରହିଛି ବାଇକର ପାଇଦନ୍ (ପାଦ ଦଣ୍ଡ)। ବାଇକ୍ ସହ ତାକୁ ଉଠେଇଲେ। ବାମ ଗୋଡର ସେଇ ଜାଗାଟି ଟିକିଏ ଖଣ୍ଡିଆ ହେବା ସହ ଫୁଲି ଯାଇଥିଲା। ଟୁକୁନା ବଡକଷ୍ଟରେ ଫେରିଲା ଘରକୁ।

ଏଇ ଛୋଟ କ୍ଷତଟି କିନ୍ତୁ ଶୁଖିବାକୁ ଢେର ଦିନ ଲାଗିଗଲା। ଦୀର୍ଘ ତିନିମାସ କାଳ କଷ୍ଟ ଭୋଗିଲା ଘରେ। ତାକୁ ଲାଗିଲା ଏହା ନିଶ୍ଚୟ ଗ୍ରହଦୋଷ ଥିଲା। ଜଣେ ଭଲ ଜ୍ୟୋତିଷୀ ପାଖରେ ଦେଖାଇଲା। ପ୍ରତିକାର ପାଇଁ ଅନୁରୋଧ କଲା। ଜ୍ୟୋତିଷୀ ଗଣନା କରି କହିଲେ – ପ୍ରତି ସୋମବାର ଗାଇ ଓ ବୁଲାକୁକୁରକୁ ରୋଟି ଦେବାକୁ।

ଦିନେ ସକାଳୁ ସକାଳୁ ଗେଟ୍ ପାଖରେ ବିଲରେ ଖାଇଥିବା ସେଇ ଗାଇଟିକୁ ଦେଖି ଖୁସି ହେଇଗଲା ଟୁକୁନା। ଘରକୁ ଦୌଡି ଯାଇ ରୋଟି ଖଣ୍ଡେ ଆଣି ବଢେଇ ଦେଲା ଗାଇଟିକୁ। ଗାଇଟି ରୋଟି ନ ଖାଇ ତା'ର ଓଦା ଓଦା ଆଖିରେ ତା'କୁ ବିକଳ ଭାବେ ଚାହିଁ ରହିଥାଏ।

ଟୁକୁନାର ଅନୁଭବ ହେଉଥାଏ... ଗାଇଟି କାନ୍ଦିକାନ୍ଦି କହୁଛି - ଏହା ଗ୍ରହଦୋଷ ନୁହଁ... ଏହା ତମ ଭଳି ମଣିଷଙ୍କର କର୍ମଦୋଷ। ନିରୀହ ଇତର ପ୍ରାଣୀମାନଙ୍କୁ ହଇରାଣ କରିବାର ଫଳ।

+ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦

# ନିଆରା ଉପାୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ

ହରିଚନ୍ଦନପୁର, ୨୨/୨ (ନି.ପ୍ର): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ' ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା ' । ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ରଖିବା ପ୍ରତ୍ୟେକ ମଣିଷର କର୍ତବ୍ୟ । ମାତୃଭାଷାକୁ ଭଲପାଇବା ଓ ତାହାପ୍ରତି ପ୍ରୀତି ବଜାୟ ରଖିବା ଉଚିତ୍। ବିଶେଷ କରି ଆଜିର ଶିଶୁମାନେ ମାତୃଭାଷାର ମହତ୍ୱ ଓ ତା'ର ଗାରିମାକୁ ଭଲ ଭାବେ ହୃଦବୋଧ କରିବାର ଆବଶ୍ୟକତା ରହିଛି । ଆଧୁନିକତାକୁ ଦ୍ୱାହି ଦେଇ ମାତୃଭାଷାକୁ କ୍ରମେ କ୍ରମେ ଅବହେଳା କରିବା ସମସ୍ତଙ୍କୁ ମର୍ମାହତ କରୁଅଛି । ଏପରି ସ୍ଥଳେ ଏହାର ଗୁରୁତ୍ୱକୁ ବୁଝି ତାହା ପ୍ରତି ପ୍ରୀତି, ଶ୍ରଦ୍ଧା ଓ ସମ୍ମାନ ରଖି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଳାପାଟ ଠାରେ ଅଭିନବ ଉପାୟରେ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ ' ପାଳନ ହୋଇଯାଇଅଛି । ଶିଶୁ ମାନେ କିପରି ମାତୃଭାଷା ପ୍ରତି ଶ୍ରଦ୍ଧା ରଖିବା ସହିତ ତାକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବେ ଓ ମାତୃଭାଷାର ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରିବେ ସେ ବିଷୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ କ୍ଷମାକର ବେହେରା ଆଲୋଚନା କରିଥିଲେ । ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାରେ 'ଆମ ଗୀତ ଆମ ଗପ' ନାମରେ ଏକ ପ୍ରାଚୀର ପତ୍ର ପ୍ରକାଶ କରାଯାଇଅଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାରାନୀ ମହାନ୍ତ ଏହାକୁ ଉନ୍ମୋଚନ କରିଥିଲେ । ଏଥିରେ ପିଲାମାନଙ୍କର ସ୍ୱ ରଚିତ କବିତା ଓ ଗଳ୍ପ ପ୍ରଭୃତି ସ୍ଥାନ ପାଇଛି। ପ୍ରାଚୀର ପତ୍ରର ସମ୍ପାଦକ ଶିକ୍ଷକ କ୍ଷମାକର ବେହେରା ଏହାକୁ ସମ୍ପାଦନ କରିଥିଲେ ।

ଏହି ଅବସରଟିକୁ ସ୍ୱତନ୍ତ୍ର କରିବା ଦିଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତ, ସହକାରୀ ଶିକ୍ଷକ ତପନ କୁମାର ବେହେରା, କସ୍ତୁରୀ ନାୟକ, ଆଶୁତୋଷ ଶଙ୍ଖୁଆ, ଆସ୍ପେୟାର ସହଯୋଗୀ ରଶ୍ମି ରଞ୍ଜିତା ପାତ୍ର, ଉପ ସଭାପତି ବାବୃବହାନ ନାୟକ ତଥା ବିଦ୍ୟାଳୟ କମିଟି ଓ ଅଭିଭାବକ ଆଦି ସହଯୋଗ କରିଥିଲେ । ଆଜିର ଦିବସଟିକୁ ସ୍ମରଣୀୟ କରିବା ପାଇଁ ଏହି ଦିବସରେ ସୁନ୍ଦର୍ ହସ୍ତାକ୍ଷର ଲିଖନ, ଗଳ୍ପ ଓ କବିତା ଲିଖନ, ରଚନା ଲିଖନ, ବକ୍ତୃତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁଥ ପାର୍ଲାମେଂଟ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ମୁଁ ଭାରତ ତରଫରୁ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଂଟ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ଫେବୃଆରୀରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଠାରେ ଆୟୋଜିତ ହେବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ର, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମାଇଁ ଭାରତ ଯବା ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଇଚ୍ଛୁକ ଅନ୍ୟଯୁବ ଗୋଷ୍ଠୀ ଯାହାଙ୍କ ବୟସ ୧୫ ବର୍ଷରୁ ୨୫ ବର୍ଷ ବୟସ ହୋଇଥିବ ସେମାନେ ଆସି ଯୋଗଦେବେ। 'ବିକଶିତ ୧୦୦ ବର୍ଷ ଭାରତ ଏବଂ ୫୦ ବର୍ଷ ଗଣତନ୍ତ୍ର ' ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହିତ ଏକ ଛାୟା ସଂସଦ ପ୍ରକ୍ରିୟାରେ ଜୁରୀ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳ ବିଚାର କରିବେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ମାନେ ଜାତୀୟ ସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ସୂଚନା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଅଧାପିକା ରୁକ୍ମଣୀ ସାହୁ, ମନୋରଞ୍ଜନ ରାଉତ, ମାଇଁ ଭାରତ କର୍ମୀ ଲକ୍ଷ୍ମୀକାନ୍ତ ଜେନା,କର୍ମଚାରୀ ଅଶୋକ ମଳିକ,କିସନ ନିମାଇ,ଶ୍ରୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟିକ ଶ୍ରୀବସ୍ତ ଚରଣ ଜେନାଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୨/୨ (ନି.ପ୍ର): ବର୍ଷିଆନ ସାହିତ୍ୟିକ ଏବଂ ବହୁ ପୁସ୍ତକର ସ୍ରଷ୍ଟା ଶ୍ରୀବସ୍ତ ଚରଣ ଜେନାଙ୍କର ଗତ ୨୦ ତାରିଖ, ଶୁକ୍ରବାର ସକାଳ ୭. ୩୦ରେ କେନ୍ଦ୍ରାପଡ଼ାର ବାଲିଆସ୍ଥିତ କଳିଙ୍ଗ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ହୋଇଥିଲା। ୧୯୩୯ ମସିହା ଏପ୍ରିଲ ୧୩ ତାରିଖରେ ଯାଜପୁର ଜିଲ୍ଲା ବିଂଝାରପୁରର ମୋହନପୁର, ବାରିଙ୍ଗ ଠାରେ ଜନ୍ମିତ ଜେନା ଓଡିଶା ସରକାରଙ୍କ ଅର୍ଥ ସେବା ବିଭାଗରେ ଯୋଗଦାନ କରି ଅର୍ଥ ପରାମର୍ଶଦାତା ଭାବେ ୧୯୯୭ ମସିହାରେ ଅବସର ଗ୍ରହଣ କରିଥିଲେ। ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନୀ ପୁସ୍ତକ 'ଯୁଗ ପୁରୁଷ ବୈକୁଣ୍ଠନାଥ'ର ଲେଖକ ଭାବେ ସେ ବହୁ ଲୋକପ୍ରିୟ ଥିଲେ। ତାଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ 'ତୁଳସୀକ୍ଷେତ୍ର ଗୀତାମୃତ', ପାହାନ୍ତି ବିଚାର, ଖରସ୍ରୋତା ତୀରେ, ଗପ କେତେ ଯୁଗର, ଶ୍ରୀମଦ ଗୁରୁ ଗୀତାମୃତ, ଯାଜପୁର ଜିଲ୍ଲା ସାତଟୋପା ସାମନ୍ତ, ଶ୍ରୀବିଲେଶ୍ୱର ସ୍ତବକ ଆଦି ଉଲ୍ଲେଖଯୋଗ୍ୟ । ତାଙ୍କ ବିୟୋଗର ଖବର ପାଇ କେନ୍ଦ୍ରାପଡ଼ାର ବହୁ ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ତିନିମୁହାଣୀସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କର ତିନି ପୁଅ, ଜ୍ୱାଇଁ ଅରବିନ୍ଦ ଧଳ ଓ ପରିବାରର ବହୁ ସଦସ୍ୟ ସମେତ ଅନେକ ବନ୍ଧୁ ଶୁଭେଚ୍ଛୁ ସହ ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ କରାଯାଇଥିଲା।

# କୋଲାବ ମୁଖ୍ୟ କେନାଲର ପୋଲ ଭାଙ୍ଗିଲା: ବେଆଇନ ଇଟାଭାଟି ଓ କ୍ରସରକୁ ଭାରୀଯାନ ଯାତାୟାତ ମୁଖ୍ୟ କାରଣ

ଜୟପୁର, ୨୨/୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ବାରିଣିପୁଟ ପଂଚାୟତର ପୋଟ୍ରାଗୁଡା ଏବଂ ନୂଆଗୁଡାକୁ ସଂଯୋଗ କରୁଥିବା ରାସ୍ତାର କେନାଲ ଉପରେ ରହିଥିବା ପ୍ରାୟ ୩୦ ମିଟର ଲମ୍ବା ବିଶିଷ୍ଟ ଏହି ପୋଲ ଆଜି ପୂର୍ବାହ୍ନରେ ହଠାତ ମଝିରୁ ଭାଙ୍ଗି କେନାଲ ତଳକୁ ଖସିଯାଇଛି । କିନ୍ତୁ ଉକ୍ତ ସମୟରେ ପୋଲ ଉପରେ କୌଣସି ଯାନ କିମ୍ବା ପଥଚାରୀ ନଥିବା ଯୋଗୁଁ ଏକ ବଡ ଅଘଟଣ ଟଳିଛି। ବାରିଣିପୁଟ ଗ୍ରାମପଂଚାୟତର ପୋଟ୍ରାଗୁଡାଏବଂ ନୂଆଗୁଡା ଗ୍ରାମକୁ ସଂଯୋଗ କରୁଥିବା ୪୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ପୋଲ ଭୁଷୁଡି ଯାଇଛି । ଫଳରେ ଜୟପୁର ସହରକୁ ପୋଟ୍ରାଗୁଡା, ମହୁଲଭଟ୍ଟା, ଶୁଣ୍ଡିଗୁଡା, ତାଡପାଣି, ରାମଗଡ ପ୍ରଭୃତି ଗ୍ରାମକୁ ଯାତାୟାତ ସ୍ୱଳ୍ପ ଦୂରଗାମୀ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏହି ଗ୍ରାମ ଗୁଡିକର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପରିବାର ମାନେ ଯାତାୟାତ ପାଇଁ ପୁଣି ବାରିଣିପୁଟ ଗ୍ରାମପଂଚାୟତ ସଦର ଗ୍ରାମ ରାସ୍ତା ଉପରେ ନିର୍ଭର କରିବାକୁ ପଡିବ । ଏହି ରାସ୍ତା ପୂର୍ବରାସ୍ତା ଅପେକ୍ଷା ସାମାନ୍ୟ ଦୂରତା ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏହି ପୋଲ କୋଲାବ ବହୁମୁଖୀ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ସମୟରେ ଜୟପୁର ନିକଟସ୍ଥ ମୁଣ୍ଡିଗୁଡା ଡେମ ଠାରୁ କୋଟପାଡ ପର୍ଯ୍ୟନ୍ତ ସଂଯୋଗ କରୁଥିବା ମୁଖ୍ୟ କେନାଲ ଉପରେ ଗତ ୪୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା । ଏହା ଭାରୀଯାନ ଚଳାଚଳ ପାଇଁ ଅନୁପଯୋଗୀ ରହିଥିବା ବେଳେ କେବଳ ଆଖାପଖ ଲୋକଙ୍କ ଦୁଇ, ଚାର ଚକିଆ ଏବଂ ପାଦଚଲା ପାଇଁ ନିର୍ମାଣ କରାଯାଇଥିଲା । କିନ୍ତୁ, କେନାଲ ଅପରପାର୍ଶ୍ୱ ପୋଟ୍ରାଗୁଡା ନିକଟରେ କିଛି ବେଆଇନ ଇଟା ଭାଟି ସମେତ କ୍ରସର ଗୁଡିକ ନିର୍ମାଣ ହୋଇଥିବା ଯୋଗୁଁ ଏହିରାସ୍ତା ଦେଇ ଟ୍ରାକ୍ଟର, ଟ୍ରକ ଏବଂ ଟିପର ଭଳି ଭାରୀଯାନ ଗୁଡିକ ବାରମ୍ବାର ଯାତାୟାତ ଫଳରେ ଏହି ୪୦ ବର୍ଷ ପୁରାତନ ପୋଲଟି ଦୁର୍ବଳ ହେବାରେ ଲାଗିଥିଲା । ଏଥିନେଇ କୋଲାବ ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ବେଆଇନ ଇଟାଭାଟି ଏବଂ କ୍ରସର ମାଲିକଙ୍କ ଅବଗତ ତାଗିଦ କରାଯାଇଥିଲେ ସୁଦ୍ଧା ସେମାନେ ଏଥିପ୍ରତି ଧ୍ୟାନ ଦେଇନଥିଲେ । ଫଳରେ କେନାଲ ପୋଲ ଭାଙ୍ଗିବା ଯୋଗୁଁ ସ୍ଥାନୀୟ ଗ୍ରାମର ଲୋକମାନେ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ଆଗାମୀ ଦିନରେ ଯାତାୟାତରେ ସମୟ ଅପଚୟ ହେବା ବୋଲି ଅଭିଯୋଗ କରିଛନ୍ତି । ଘଟଣା ଘଟିବା ପରେ ତୁରନ୍ତ କୋଲାବ କେନାଲ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନୀଳମାଧବ ଜ୍ଞାନଚାନ୍ଦ ବେହେରା, ସହାକାରୀ ନିର୍ବାହୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଦିପକ ବେହେରା ଘଟଣାସ୍ଥଳକୁ ଯାଇ ପରିଦର୍ଶନ ସହିତ ଉପଜିଲ୍ଲାପାଳ ଏ. ଶଶ୍ୟା ରେଡ୍ଡିଙ୍କୁ ମଧ ଏଥିନେଇ ଅବଗତ ସହିତ ରିପୋର୍ଟ ପ୍ରଦାନ କରିଛନ୍ତି । ଏହିପରି ଆସନ୍ତା ଦୁଇଦିନ ମଧ୍ୟରେ କୋଲାବ ମୁଖ୍ୟଯନ୍ତ୍ରୀ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଉଚ୍ଚ ଅଧିକାରୀ ମାନେ ଏହାର ପରିଦର୍ଶନ ଓ ତଦାରଖ ପରେ ପ୍ରଥମେ ଭାଙ୍ଗି କେନାଲ ଉପରେ ପଡିଥିବା ଏହି ସିମେଣ୍ଟ କଂକ୍ରିଟ ଛାତକୁ ପାଣି ଭିତରୁ ଉଠାଇବା ବ୍ୟବସ୍ଥା କରାଯିବ । ନଚେତ ଚାଷ ଜମି ଗୁଡିକୁ କେନାଲରେ ପାଣି ପ୍ରବାହିତ ଉପରେ ବାଧା ସୃଷ୍ଟି କରିବ । ଏହାପରେ ପୁନର୍ବାର ପୋଲ ନିର୍ମାଣ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତି ଗ୍ରହଣ କରାଯିବ ବୋଲି କୋଲାବ ଜଳସେଚନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# କେନ୍ଦୁପତ୍ର ଶ୍ରମିକଙ୍କ ୧୭ ଦଫା ଦାବି ନେଇ ଧାରଣା

ଜୟପୁର, ୨୨/୨ (ନି.ପ୍ର): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନରେ ବୋରିଗୁମ୍ମା ଅଂଚଳରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବିଭିନ୍ନ ଦାବି ପୂରଣ ଦାବିରେ ଫେବୃଆରୀ ୨୦ ଓ ୨୧ ତାରିଖ ପର୍ଯ୍ୟନ୍ତ ବୋରିଗୁମ୍ମା ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଗ୍ରହଣ ହୋଇନାହିଁ। ଏହାକୁ ପ୍ରତିବାଦ କରି ସେମାନେ ଗଣଧାରଣା ମାଧମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟ ୧୭ଟି ଦାବୀମାନଙ୍କ ମଧ୍ୟରେ କେନ୍ଦୁପତ୍ର କେରି ଓ ବଣ୍ଡଲ ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ହାର ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କାକୁ ବୃଦ୍ଧି, ରୋଗାକ୍ରାନ୍ତ ସମୟରେ ଛୁଟି ବ୍ୟବସ୍ଥା, ଖାଲି ପଦ ପୂରଣ ଓ ସାମାଜିକ ନିରାପତା ପାଇଁ ବଜେଟରେ ୨୦୦ କୋଟି ଟଙ୍କା ବ୍ୟବସ୍ଥା ଭଳି ଦାବି ସମ୍ବଳିତ ଅଛି। ସେହିପରି କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ କିଛି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ ଓ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରିବାକୁ ସଂଘ ଦାବି କରିଛି। ଧାରଣାସ୍ଥଳରେ ସଂଘର ପକ୍ଷରୁ କୁହାଯାଇଛି ଯେ ଯଦି ଆସନ୍ତା ୨୭ ତାରିଖ ମଧ୍ୟରେ ଦାବି ପୂରଣ ନହେବ ଆଗାମୀ ଦିନରେ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ୨୨ଟି ଜିଲ୍ଲାରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଏବଂ ଜାତୀୟ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।୧୭ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁପତ୍ର ରେଞ୍ଜରଙ୍କୁ ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଧାରଣାରେ ବୋରିଗୁମ୍ମା କେନ୍ଦୁପତ୍ର ବନାଂଚଳ ସଂଘର ସମ୍ପାଦକ ଲମ୍ବୋଦର ତ୍ରିପାଠୀ, ସହସମ୍ପାଦକ ପିତବାସ ଭତ୍ରା, ଅଜିତ ପଟ୍ଟନାୟକ, ସୁଶାନ୍ତ ତ୍ରିପାଠୀ, ପିତବାସ ସମରଥ, ଉପେନ୍ଦ୍ର ପୂଜାରୀ, ସିମାଂଚଳ ଶତପଥି, ପ୍ରମାନନ୍ଦ ଦାସଙ୍କ ସମେତ ସମସ୍ତ ଚେକର, ମୁନିସି ଓ ଫୋଡି ସାଥି ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ଉପସ୍ଥିତ ରହିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।

# କିଶୋରୀ ବାଳିକାଙ୍କ ପାଇଁ ଜିଲ୍ଲା ସ୍ତରୀୟ କୌଶଳ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି, ୨୨/୨ (ନି.ପ୍ର): ସ୍ଥାନୀୟ ଏଫଏଲସି ସଭା ଗୃହ ଠାରେ ଜିଲ୍ଲାପାଳସୋମେଶ କୁମାର ଉପାଧାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଆନୁକୂଲ୍ୟରେ କିଶୋରୀ ବାଳିକାଙ୍କ ଆଦ୍ୱିକା କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ସ୍ତରୀୟ କୌଶଳ ତାଲିମ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଗୌରି ନାୟକ ଓ ସୁରକ୍ଷା ଅଧିକାରୀ ଟି. ଜୟା ଲକ୍ଷ୍ମୀ ଉପସ୍ଥିତ ରହି ଏହି କର୍ମଶାଳାର ଶୁଭାରମ୍ଭ କରିଥିଲେ। କିଶୋରକିଶୋରୀଙ୍କ ସଶକ୍ତୀକରଣ ନିମିତ ବିଭିନ୍ନ କୌଶଳ ତାଲିମ ଯଥା ବିତିୟ ସାକ୍ଷରତା,ସାଇବର ସୁରକ୍ଷା, ଯୋଗାଯୋଗ ଉପରେ ମୀନାକ୍ଷୀ ପ୍ରଧାନ ଜିଲ୍ଲା ସଂଯୋଜିକା ତାଲିମ ପ୍ରଦାନ କରିଥିଲେ । ସୂକ୍ଷ୍ମ କୌଶଳ, କମ୍ପ୍ୟୁଟର ସମ୍ବନ୍ଧିତ ଉପରେ ଶିକ୍ଷା ବିଭାଗର ମାନସ ରଞ୍ଜନ ସେନାପତି ଓ ଶୁଦ୍ଧି ରଞ୍ଜନ ସିକଦାର ଜ୍ଞାନ ପ୍ରଦାନ କରିଥିଲେ । ଧନ୍ଦାମୂଳକ ନିଯୁକ୍ତିର ସୁଯୋଗ ସମ୍ବନ୍ଧରେ ଡିପିସି ମିଶନ ଶକ୍ତି ହର୍ଷାନନ୍ଦ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଆଶିଷ ପଣ୍ଡା ସଂଚୟ ଓ ନିବେଶ ତଥା ବିଭିନୟ ଇନସୋରେନ୍ସ ବିଷୟରେ କିଶୋର କିଶୋରୀ ମାନ୍ୟଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ବିକାଶ ଯୋଜନାର ମୋଟ ୮୦ ଜଣ କିଶୋର କିଶୋରୀ, ଅଙ୍ଗନବାଡି କର୍ମୀ, ସୁପରଭାଇଜର ଉପସ୍ଥିତ ଥାଇ ତାଲିମ ଗ୍ରହଣ କରିଥିଲେ । ପରିଶେଷରେ ସମସ୍ତ ଅଂଶଗ୍ରହଣକରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତୀକରଣ ହବ୍ ର କର୍ମକର୍ତା ମାନେ ଆୟୋଜନ କରିଥିଲେ।

# ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ସାହିତ୍ୟ ଚର୍ଚ୍ଚା ବିଶ୍ୱସ୍ତରୀୟ: ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ

ନୀଳଗିରି , ୨୨/୨ (ନି.ପ୍ର): ନରକିନ୍ନର ପ୍ରଥମ ଓଡିଆ ଅସ୍ତିତ୍ୱବାଦୀ ଉପନ୍ୟାସ । ବୈରାଗ୍ୟବୋଧ ଭାରତବର୍ଷର ପ୍ରାଚୀନ ପରମ୍ପରା । ବୈରାଗ୍ୟରୁ ବିରାଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ନରକିନ୍ନର ଆତ୍ମାର ବାଣୀ । ଅତିମାନବୀୟ ଚେତନା ନରକିନ୍ନରର କଥାବସ୍ତୁ ଅଟେ । ନରକିନ୍ନର ରୂପକାତ୍ମକ ଉପନ୍ୟାସ ଅଟେ । ଉକ୍ତ ଉପନ୍ୟାସରେ ଅବଚେତନ କାହାଣୀ ସଂଯୋଜିତ ହୋଇଛି । ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ସମୟଖଣ୍ଡ ଉକ୍ତ ଉପନ୍ୟାସରେ ନାହିଁ । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ନରକିନ୍ନରରେ ଅଛି ।



ପ୍ରାଚ୍ୟବାଦ ନରକିନ୍ନରର ପୃଷ୍ଠଭୂମି । ସାମ୍ୟବାଦ କଦାପି ମାନବୀୟ ସମାଜର ସମସ୍ୟା ନୁହେଁ । ସାମାଜିକ ସମ୍ବେଦନ ମନସ୍ତତ୍ତ୍ୱ ଉପନ୍ୟାସର ମୁଖ୍ୟ କଥାବସ୍ତୁ । ସମଗ୍ର ଉପନ୍ୟାସରେ କ୍ଷୁଧାକୁ ଖୋଜା ଯାଇଛି । ପେଟର କ୍ଷୁଧା ପରେ ମନର କ୍ଷୁଧା ଖୋଜେ ମଣିଷ । ଅସ୍ତିତ୍ୱର ଉଦ୍ଦେଶ୍ୟ ହେଉଛି ଅନ୍ୱେଷଣକୁ ସାର୍ଥକ କରିବା । ସର୍ବୋପରି ଶାନ୍ତନୁ ଆଚାର୍ଯ୍ୟଙ୍କ କୌତୁହଳ ପାଠକକୁ ବିସ୍ମିତ କରେ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୯୨ ତମ ଆଭାସୀ ପାଠଚକ୍ରରେ 'କାଠ କ୍ୟାବିନ ଓ ନରକିନ୍ନର' ଶୀର୍ଷକ ପାଠଚକ୍ରରେ ଅତିଥି ସ୍ୱୟଂ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଆଲୋଚକ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ କ୍ଷୀରୋଦ ଚନ୍ଦ୍ର ବେହେରା ଓ ଭାଷାବିତ୍ ନଟବର ଶତପଥୀ ଆଲୋଚନା ମାଧ୍ୟମରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଗବେଷିକା ଅର୍ଚ୍ଚନା ମହାପାତ୍ର ଆଲୋଚକଗଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଅନ୍ୟ ଉପସ୍ଥିତ ଶ୍ରୋତାମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଆସର ଅତ୍ୟନ୍ତ ହୃଦୟଗ୍ରାହୀ ହୋଇପାରୁଛି ବୋଲି ଶ୍ରୋତାଙ୍କ ପ୍ରତିକ୍ରିୟା ହେଉଛି । ଏଥି ଆସରରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

# କେନ୍ଦୁଝରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମାସିକ ସମୀକ୍ଷା ବୈଠକ: ଓସ୍ୱାସ ଓ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଉପରେ ଗୁରୁତ୍ୱ

କେନ୍ଦୁଝର, ୨୨/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ (ସାଧାରଣ)ଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ କର୍ମଚାରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଦୈନନ୍ଦିନ କାର୍ଯ୍ୟରେ ରହୁଥିବା ବାଧାବିଘ୍ନ ଦୂର କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଓସ୍ୱାସ ମାଧ୍ୟମରେ ଫାଇଲ୍ ପରିଚାଳନା ସରକାରୀ ଫାଇଲ୍ଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଓସ୍ୱାସ ପୋର୍ଟାଲର ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଫାଇଲ୍ ମୁଭମେଂଟ ଯେପରି ଅନଲାଇନ୍ ମାଧ୍ୟମରେ ସୁରୁଖୁରୁରେ ହେବ, ସେଥିପାଇଁ ଅଧିକାରୀଙ୍କ ସହଯୋଗ ଲୋଡ଼ାଯାଇଛି। କର୍ମଚାରୀମାନଙ୍କୁ ଇ-ଡେସପାଚ୍ ସମ୍ବନ୍ଧରେ ଅଧିକ ଦକ୍ଷ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି। ପେଣ୍ଡିଂ ରହୁଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଯାଂଚ୍ କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ, ଇଂରାଜୀ ପରିବର୍ତେ ଓଡ଼ିଆ ଭାଷାରେ କିଭଳି ସରକାରୀ ଚିଠିପତ୍ର ଓ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ, ସେ ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ ଦିଆଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ (ସାଧାରଣ) ଏହି ବୈଠକରେ ଉପସ୍ଥାପନା କରିଥିଲେ। ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଏଣିକି ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରାଯାଇ କାର୍ଯ୍ୟର ଅଗ୍ରଗତି ଯାଂଚ୍ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

# ଆଗାମୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ପ୍ରତିଯୋଗିତା ଆରମ୍ଭ

ରାଉରକେଲା, ୨୨/୨ (ନି.ପ୍ର): ଆଗାମୀ 'ଆନ୍ତର୍ଜାତୀୟ ମହିଳା ଦିବସ'ର ଅଂଶ ସ୍ୱରୂପ ସେଲ୍, ରାଉରକେଲା ଇସ୍ପାତ କାରଖାନା ବିବିଧ ଆକର୍ଷଣୀୟ ପ୍ରତିଯୋଗିତାର ଆୟୋଜନ ହେଉଛି ଯେଉଁଥିରେ କର୍ମଚାରୀମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳୁଛି ।ଏହି ପ୍ରତିଯୋଗିତା ଧାରାବାହିକ ଭାବେ ଗତ ଫେବୃଆରୀ ୧୮ ତାରିଖରେ 'ମହିଳା ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆରଏସପି-ସ୍ତରୀୟ ନାଟକ ପ୍ରତିଯୋଗିତା ସହିତ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ଆରଏସପି ର ସମସ୍ତ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ଥିଲା, ଯେଉଁଥିରେ ୭ ଜଣଙ୍କୁ ନେଇ ଗଠିତ ଦଳ ଥିଲେ।



ଏହି କାର୍ଯ୍ୟକ୍ରମରେ ସମାଜ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଉପରେ ଆଲୋକପାତ କରି ଆକର୍ଷଣୀୟ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରତିଯୋଗୀତାରେ ବି ଇ , ଏଲ ଏଣ୍ଡ ଡି ବିଭାଗ ର ସି ଜି ଏମ ଶ୍ରୀ ପି କେ ସାହୁ, ଏବଂ ଲୋକ ସମ୍ପର୍କ ବିଭାଗ ର ଜି ଏମ ଏବଂ ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ବିଚାରକ ଥିଲେ।

ବିଜେତା ଦଳ, ମାର୍ଚ୍ଚ ୬ ତାରିଖରେ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହେବାକୁ ଥିବା ସେଲ୍-ସ୍ତରୀୟ ସ୍କିଟ୍ ପ୍ରତିଯୋଗିତାରେ ଆର ଏସ ପି କୁ ପ୍ରତିନିଧିତ୍ୱ କରିବେ। ଏଚଆର ଏଲ ଆଣ୍ଡ ଡ଼ି ବିଭାଗର ସିନିୟର ମ୍ୟାନେଜର ଶ୍ରୀମତୀ ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବିବାହ ଉତ୍ସବ ୫୫ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦ୍ୟାନ ଭୋଜନ ଆୟୋଜନ

ବାଲେଶ୍ୱର, ୨୨/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସହଦେବଖୁଣ୍ଟା ବସଷ୍ଟାଣ୍ଡ ସମ୍ମୁଖରେ ତ୍ରିଦିବ କୁମାର ନାୟକ ତାଙ୍କର ୫୫ବର୍ଷର ବିବାହ ପଦାର୍ପଣ ପାଇଁ ଏକ ଉଦ୍ୟାନ ଭୋଜନର ଆୟୋଜନ କରିଥିଲେ। ଏହି ଉଦ୍ୟାନ ଭୋଜନରେ ଦୈନିକ ସମ୍ବାଦପତ୍ରର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ଧ୍ୱନି ପ୍ରତିଧ୍ୱନି ଓ 'ସାଗରିକା' ମ୍ୟାଗାଜିନର ସଂପାଦିକା ସୈରିନ୍ଧ୍ରୀ ସାହୁ, ରୋଟାରିଆନ, ସମାଜସେବୀ, ପୂର୍ବତନ ଲୋକପାଳ ସୁବ୍ରତ କର, 'ମନା' ତଥା 'ଯୁଗଶ୍ରୀ ଯୁଗନାରୀ'ର ସଂପାଦିକା ମମତା ମହାପାତ୍ର, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, 'ସାଇଟିଭି'ର ସଂପାଦକ ରବିନାରାୟଣ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ବିଜେପିର ଯୁବନେତା, ସମାଜସେବୀ ଶୁଭଙ୍କର ମହାପାତ୍ର, ସାହିତ୍ୟିକ ଅଭୟ କୁମାର ଦାସ, 'ଚନ୍ଦ୍ରଭାଗା'ର ସଭାପତି କବି ଶ୍ରୀଦେବ, କଲ୍ୟାଣୀ ନନ୍ଦୀ, ପ୍ରଫୁଲ୍ଲ କୁମାର ଦାସ,



ବହୁ ବରିଷ୍ଠ ଆଇନଜୀବୀ ଓ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ବିବାହ ଉତ୍ସବ ୫୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦ୍ୟାନ ଭୋଜନରେ ଯୋଗଦେଇ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଭୋଜନ କରିଥିଲେ । ତ୍ରିଦିବ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସେ ୮୧ବର୍ଷ ଏବଂ ତାଙ୍କ ସହଧର୍ମିଣୀ ୭୧ବର୍ଷ । ୫୫ ବର୍ଷ ପୂର୍ବରୁ ତାଙ୍କର ପିତା, ମାତା ମନ ନେଇ ଏକ ବଙ୍ଗାଳି ପରିବାରରୁ ବିବାହ କରିଥିଲେ। ତାଙ୍କର ନିଜ ନିଜ ଭିତରେ ଏକ ଉତ୍ତମ ସମ୍ପର୍କ ପାଇଁ ସୁଖ ଜୀବନମୟୀ ଅତିବାହିତ କରୁଛନ୍ତି । ତେଣୁ ଏବେର ଯୁବସମାଜକୁ ସ୍ୱାମୀ ଓ ସ୍ତ୍ରୀ ସୁସମ୍ପର୍କ, ଏକ ଉତ୍ତମ ସଂପର୍କ ରହିଲେ ଯୁବ ସମାଜ ନିଜନିଜର ବୈବାହିକ ଜୀବନ ସୁଖମୟ ହେବ ବୋଲି ଉପଦେଶ ଦେଇଥିଲେ । ଏହି ବାର୍ତ୍ତା ଜନସମାଜକୁ ଦେବାପାଇଁ ଉଦ୍ୟାନ ଭୋଜନ ଆୟୋଜନ କରିଥିଲେ । ଏପରିକି ତ୍ରିଦିବ କୁମାର ନାୟକ ନିଜ ତରଫରୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖର୍ଚ୍ଚାନ୍ତରୁ ବଞ୍ଚିତ କରିବା ପାଇଁ ସେ ବିବାହ ୫୫ ବର୍ଷ ପୂର୍ତ୍ତି ନକହି ତାଙ୍କ ନିମନ୍ତ୍ରଣ କାର୍ଡ଼ରେ 'ଉଦ୍ୟାନ ଭୋଜନ' ବୋଲି ଲେଖିଥିଲେ। ତ୍ରିଦିବ କୁମାର ନାୟକଙ୍କ ଏପରି ଆୟୋଜନ ପାଇଁ ସମସ୍ତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ । କିନ୍ତୁ ବନ୍ଧୁ, ସାଙ୍ଗସାଥୀମାନେ ବିଭିନ୍ନ ଅନୁଷ୍ଠାନର ବୁଦ୍ଧିଜୀବୀମାନେ ନିଜ ତରଫରୁ ମିଷ୍ଟାନ୍ନ, ଫୁଲତୋଡ଼ା, ଗିଫ୍ଟ ଦେଇ ସ୍ୱାଗତ କରିଥିଲେ। ବରିଷ୍ଠ ଆଇନଜୀବୀ ତ୍ରିଦିବ କୁମାର ନାୟକ ସମସ୍ତ ଆଇନଜୀବୀ, ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ନିଜର ସମୟ ନଷ୍ଟ କରି ଯୋଗ ଦେଇ ଉଦ୍ୟାନ ଭୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ




ଭୁବନେଶ୍ୱର, ୨୨/୨ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ସହକାରେ ପାଳିତ ହୋଇ ଯାଇଛି। ବିଭାଗ-ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର କଇଳାଶ ପଟ୍ଟନାୟକ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ଦେବାଶିଷ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ଅତିଥି ମାତୃଭାଷା ଦିବସର ଐତିହାସିକ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ବ୍ୟାସକବି ଫକୀରମୋହନ ଓ ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ କବିତାର ଦୃଷ୍ଟାନ୍ତ ଉପସ୍ଥାପନ କରି ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅତିଥି ପ୍ରାଧ୍ୟାପକ ଡକ୍ଟର ସଂଗ୍ରାମ କେଶରୀ ରାଉତ।

# ସଂପର୍କ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ, ୨୨/୨ (ନି.ପ୍ର): ପୁରୀ ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା, ମାନବ ସମ୍ପଦ ବୃଦ୍ଧି କରିବା ଓ ସେବା ବିସ୍ତାର କରିବାକୁ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂପର୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ନିବେଦନ ପ୍ରଦାନ କରାଯାଇଛି। ଏହି ନିବେଦନଟି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ସଂଲଗ୍ନ ଆୟୁର୍ବେଦ ଚିକିତ୍ସାଳୟରେ ସାଧାରଣ ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବା ସତ୍ତ୍ୱେ ଡାକ୍ତର, ପ୍ରାଧ୍ୟାପକ, ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକାଲ୍ କର୍ମଚାରୀଙ୍କ ଗୁରୁତର ଅଭାବ ଦେଖାଯାଉଛି। ସଂପର୍କ ପକ୍ଷରୁ ସରକାରଙ୍କୁ ଦାବିପତ୍ର ମଧ୍ୟରେ ପୁରୀ ଜିଲ୍ଲାର ସମସ୍ତ ଆୟୁର୍ବେଦ ଚିକିତ୍ସାଳୟରେ ଖାଲି ପଦବୀ ଶୀଘ୍ର ପୂରଣ, ପଂଚକର୍ମ ବିଭାଗକୁ ଆଧୁନିକ ଓ ସୁସଜ୍ଜିତ କରିବା, ଆବଶ୍ୟକ ଆୟୁର୍ବେଦିକ ଔଷଧର ନିୟମିତ ଯୋଗାଣ, ଚିକିତ୍ସାଳୟ ପରିସରରେ ଔଷଧୀୟ ଉଦ୍ଭିଦ ଉଦ୍ୟାନ ସ୍ଥାପନ ଓ ଗବେଷଣା କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ ଦେବା, ସହର ଓ ଗ୍ରାମାଂଚଳରେ ନିୟମିତ ନିଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଓ ଆୟୁର୍ବେଦ ସେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଯୋଜନାରେ ସକ୍ରିୟ ଭାବରେ ସମ୍ମିଳିତ କରାଯିବା ପାଇଁ ସଂଗଠନ ପକ୍ଷରୁ ଉଲ୍ଲେଖ କୁହାଯାଇଛି । ସରକାର ଏହି ଦାବିଗୁଡ଼ିକୁ ସଦୟ ଦୃଷ୍ଟିରେ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଗଠନ ଆଶା ପ୍ରକାଶ କରିଛି। ଆୟୁର୍ବେଦ ମହାବିଦ୍ୟାଳୟର ରକ୍ତଦାନ ଶିବିରରେ ଯୋଗଦାନ କରିଥିବା ବେଳେ ଅନୁଷ୍ଠାନର ବିଶ୍ୱଜିତ୍ ମିଶ୍ର, ଶୁଭ ପ୍ରସାଦ ଶର୍ମା, ରାକେଶ ସେଠୀ, ଅଶୁଜିତ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଟିପର-ବୋଲେରୋ...

ଭର୍ତ୍ତି କରାଯାଇଥିବା ବେଳେ ଏପିଆର କନଷ୍ଟେବଲ ଆକାଶ ନାଏକଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସମସ୍ତ ପୁଲିସ ବିଭାଗରେ ତଥା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଜିଲ୍ଲା ପୁଲିସର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଡାକ୍ତରଖାନା ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଝାରସୁଗୁଡ଼ାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୁଲି କର୍ମଚାରୀଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ମୃତ ୫ ପୁଲିସ କର୍ମଚାରୀଙ୍କ ପରିବାର ପାଇଁ ଅନୁକଂପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକଂପା ରାଶି ପ୍ରଦାନ କରାଯିବ।

### ରାଜ୍ୟରେ କମୁନି ବାଲ୍ୟ ...

ଲିଙ୍ଗଗତ ବିଷମତା, ଦାରିଦ୍ର୍ୟ, ସାମାଜିକ ଅସୁରକ୍ଷା, ପ୍ରଥା ଓ ପାରମ୍ପରିକ ଧାରଣା, ଶିକ୍ଷାର ଅଭାବ ଏବଂ ପିତା ମାତାଙ୍କ ସଚେତନତାର ଅଭାବ ବାଲ୍ୟ ବିବାହର ପ୍ରମୁଖ କାରଣ । ବାଲ୍ୟ ବିବାହରେ ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାରେ ଏହା ୨୦.୫% ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । କିନ୍ତୁ ବାଲ୍ୟ ବିବାହ ଭଳି କୁତ୍ସିତ ପ୍ରଥା ବନ୍ଦ ହୋଇପାରୁନାହି ।

### ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ...

ବଡ଼ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ହୋଇପାରୁନାହିଁ । ଏବେ ବଜେଟ୍‌ରେ ପୁଣି ୫୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ସରକାର । ହେଲେ କିଏ ଟଙ୍କା ଖର୍ଚ୍ଚ କରିବ ତାକୁ ନେଇ ଉଠିଛି ପ୍ରଶ୍ନ । ସରକାର ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି । ୧୯୯୮ ମସିହାରେ ଗଠନ ହୋଇଥିଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ । କିନ୍ତୁ ଯେଉଁ ଉଦ୍ଦେଶ୍ୟ ରଖି ଏହି ପରିଷଦ ଗଠନ କରାଯାଇଥିଲା, ୨୮ ବର୍ଷ ପରେ ମଧ୍ୟ ତାହା ସଫଳ ହୋଇନାହିଁ । ଏହି ଅଞ୍ଚଳରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି । ଧାନ ଅଭାବୀ ବିକ୍ରି ଓ କୃଷକଙ୍କ ସମସ୍ୟା ଲାଗି ରହିଛି । ମାନବ ସମ୍ବଳର ବିକାଶ, ଅର୍ଥନୈତିକ ଗୋଷ୍ଠୀର ବିକାଶ, ଭିତ୍ତିଭୂମିର ବିକାଶ, ବୌଦ୍ଧିକ ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ବିକାଶ ମଧ୍ୟ ହୋଇପାରିନାହିଁ । ଗତ ୨ ଆର୍ଥିକ ବର୍ଷରେ ୧୦୨୦ କୋଟି ଟଙ୍କାର ବଜେଟ ଅନୁଦାନ ପାଇଥିଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ । ଏବେ ପୁଣି ୫୦୦ କୋଟିର ବ୍ୟୟବରାଦ କରାଯାଇଛି ।

### ଗଡୁଛି ମାଓବାଦୀଙ୍କ ମୁଣ୍ଡ...

ଆରମ୍ଭ ହୋଇଥିଲା। ଅଧିକାରୀ କହିଛନ୍ତି, ଏକ ପାହାଡ଼ ଉପରେ ଏକ ମାଟି ଘର ଭିତରେ ଲୁଚି ରହିଥିବା ଆତଙ୍କବାଦୀମାନେ ଆସୁଥିବା ସୈନିକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ, ଯାହା ଫଳରେ ଏକ ଭୟଙ୍କର ଏନକାଉଣ୍ଟର ହୋଇଥିଲା। ଏହି ଅପରେସନରେ ଏପର୍ଯ୍ୟନ୍ତ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ଦୁଇଟି ଏକେ-୪୭ ରାଇଫଲ୍, ଗୁଳିଗୋଳା ଓ ଅନ୍ୟାନ୍ୟ ଆତଙ୍କବାଦୀ ସାମଗ୍ରୀ ଜବତ କରାଯାଇଛି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି ଏବଂ କୌଣସି ଲୁଚି ରହିଥିବା ଆତଙ୍କବାଦୀ ଯେପରି ସେମାନଙ୍କ ଦୃଷ୍ଟିରୁ ଖସି ନ ଯାଆନ୍ତି ତାହା ନିଶ୍ଚିତ କରିବା ପାଇଁ ନିରନ୍ତର ତଲାସୀ ଅଭିଯାନ ଚଳାଇଛନ୍ତି ।

### ନେପାଳରେ ଭୟଙ୍କର...

ତେବେ ନେପାଳରେ ବାରମ୍ବାର ଭୂମିକମ୍ପ ହେବା କିଛି ନୂଆ କଥା ନୁହେଁ। ଏହି ଦେଶ ବିଶ୍ୱର ସର୍ବାଧିକ ଭୂମିକମ୍ପପ୍ରବଣ ଦେଶମାନଙ୍କ ମଧ୍ୟରେ ୧୧ତମ ସ୍ଥାନରେ ଅଛି। ହିମାଳୟ ଅଞ୍ଚଳରେ ଅବସ୍ଥିତ, ନେପାଳ ପ୍ରାୟତଃ ଟେକ୍ଟୋନିକ୍ ପ୍ଲେଟ୍ ଗତିବିଧି ଯୋଗୁଁ ଭୂମିକମ୍ପର ଶିକାର ହୁଏ। ଭାରତୀୟ ଏବଂ ୟୁରେସିଆନ୍ ପ୍ଲେଟର ଧକ୍କା ଏହି ଅଞ୍ଚଳରେ ଭୂମିକମ୍ପର ମୁଖ୍ୟ କାରଣ, କିନ୍ତୁ ବଡ଼ କଥା ହେଉଛି ନେପାଳରେ ସାଧାରଣତଃ ଅଧିକ ତୀବ୍ରତାର ଭୂମିକମ୍ପ ହୋଇନଥାଏ, ଯାହା ବଡ଼ କ୍ଷତିର ଆଶଙ୍କାକୁ ଦୂର କରେ। ଏହା ସତ୍ତ୍ୱେ, ସ୍ଥାନୀୟ ଲୋକମାନେ ସତର୍କ ରୁହନ୍ତି।

### ବ୍ରାଉନସୁଗାର ...

ଆଜି ସେମାନଙ୍କୁ ଜିଲ୍ଲା ଜଜ୍, ପୁରୀଙ୍କ କୋର୍ଟରେ ହାଜର କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାକୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଅଭିଯୁକ୍ତ ନାମରେ ପୂର୍ବରୁ ଏକ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ମାମଲା ଟାଉନ ଥାନାରେ ରହିଛି। ଟାଉନ ଥାନା କେସ ନମ୍ବର - ୧୨୧/୨୦୨୬, ଦଫା-୨୧(ଖ) ଏନ୍. ଡି. ପି.ଏସ. । ଗିରଫ ଅଭିଯୁକ୍ତ ହେଲେ ସୁଦାମ ଦାସ (୨୬), ପି- ବଟକୃଷ୍ଣ ଦାସ, ନୂଆସାହୀ, ବାରବାଟୀ ଜାଗା, ପୁରୀ । ଜବତ ସାମଗ୍ରୀ ବ୍ରାଉନ ସୁଗାର- ୧୦.୪୦ ଗ୍ରାମ୍ ଓ ମୋବାଇଲ୍ ଫୋନ୍ - ୧ ଟା ରହିଛି ।

# ଆମେ ମୟୂରଭଞ୍ଜିଆ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳିତ

## ମୟୂରଭଞ୍ଜର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ବିକାଶର ନକ୍ସା ପ୍ରସ୍ତୁତ ହେଉ

ବାରିପଦା , ୨୨/୨ (ନି.ପ୍ର): ବନ୍ଦେ ବରପୁତ୍ରମ୍ କାର୍ଯ୍ୟକ୍ରମରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ମୟୂରଭଞ୍ଜ ମହାରାଜା ତଥା ଉତ୍କଳ ସମ୍ମିଳନୀର ପ୍ରଥମ ପୁରୋଧା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ପବିତ୍ର ଶ୍ରାଦ୍ଧତ୍ସବ ପାଳିତ ହୋଇ ଯାଇଛି । ସଂଗଠନର କର୍ମକର୍ତ୍ତା ମାନେ ପ୍ରଥମେ ସ୍ଥାନୀୟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ ଓ ଧୁଆଧୋଇ କରିଥିଲେ। ଏହି ଅବସରରେ ଏମ ପି ସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ ବନଜା ମହାନ୍ତି ମୁଖ୍ୟ ଅତିଥି ଓ ଆଡ଼ଭୋକେଟ ସୁଜାତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ




ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ସାମୁହିକ ଭାବେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରାଯାଇଥିଲା । ସନଗଠନର ମୁଖ୍ୟ ତଥା ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧତ୍ସବ ଅବସରରେ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ଅମଳିନ ବ୍ୟକ୍ତିତ୍ୱ ତାଙ୍କର କୃତୀ ଓ କୀର୍ତ୍ତି ତଥା ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରାଯିବା ସହିତ ନୂଆ ଓଡିଶା ଗଠନରେ ତାଙ୍କର ଦାନ ଏବଂ ମୟୂରଭଞ୍ଜକୁ ବିକଶିତ ଗଡ଼ଜାତ ରାଜ୍ୟରେ ପରିଣତ କରିବାରେ ତାଙ୍କର ବିଶେଷ ଭୂମିକା ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଏହି ଅବସରରେ ମୟୂରଭଞ୍ଜର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ଏହାର ବିକାଶର ନକ୍ସା ପ୍ରସ୍ତୁତି ପାଇଁ ମତ ପ୍ରକାଶ ପାଇଥିଲା । ଏହି ପୁଣ୍ୟ ତିଥିରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସମାଜସେବୀ ଡ଼ ଆଦିତ୍ୟ ପଣ୍ଡା, ଅଶୋକ ମଣ୍ଡଳ, ସରୋଜ ବୋଷ, ଚନ୍ଦନ ଶେଜପଡା, ସାମ୍ବାଦିକ ସୁକାନ୍ତ କୁମାର ଜୀଉ ଶିକ୍ଷାବିତ କମଳଲୋଚନ ମହାକୁଡ଼, ଜୟନ୍ତ ପାଣିଗ୍ରାହୀ, ପ୍ରଦୀପ କର, ବିନୋଦ ଦାସ,ସିନିୟର ଫର୍ମାସୀ ଅଫିସର ମନୋଜ ଦାଶ, ଜେ ଏମ ଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ଅଭିଷେକ ଦଣ୍ଡପାଟ, କାନନମୟୀ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ହୋଇ ଦିବଙ୍ଗତ ମହାରାଜା ଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଆକାଶବାଣୀର ସତ୍ୟାନନ୍ଦ ଶେଜପଡା ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By Virtue of an affidavit before the executive Magistrate Balasore, I, Dattatraya Acharya, aged about 29 years, S/o- Pradeep Kumar Acharya (Father) & Chinmayee Acharya (Mother) of At- Apitira, P.o- Karanjabindha, P.s.- Gopalpur, Dist- Balasore, Odisha declare that my father's name is Pradeep Kumar Acharya & mother's name is Chinmayee Acharya, which has been mentioned in my birth certificate issued by the medical officer, Gopalpur C.H.C. But in my all educational certificates from H.S.C. (Cl-X) to B.Ed., in the place of father's name it has been mentioned tn the short from i.e. P K Acharya & In the place of Mother's name it has been mentioned as Chinmayee without any surname 'Acharya' has been mentioned. Both Pradeep Kumar Acharya, S/o- Padmanav Acharya and P K Acharya,S/o- Padmanav Acharya are not two different persons, but one & Same person and both Chinmayee Acharya, W/o- Pradeep Kumar Acharya & Chinmayee, W/o- Pradeep Kumar Acharya are not two different persons, but one & Same person.

Dattatraya Acharya

**AFFIDAVIT**

By Virtue of an affidavit before the executive Magistrate Basudevpur, I, Unedrsigned Latika Malik formerly called Rasmita Malik daughter of Natabar Malik, permanent resident of Vill- Ratanga, P.o- Barandua, P.s- Basudevpur, Dist- Bhadrak, Pin- 756168, state- Odisha declare that I wholly renounce, relinquish and abandon the use of my former name of Rasmita Malik and in place thereof do assume from the date hereof the name of Latika Malik. Henceforth I shall be known as Latika Malik for all purposes.

Latika Malik

# ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, ୨୨/୨ (ନି.ପ୍ର): ବାଲେଶ୍ୱର ଡାକକର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ବାଲେଶ୍ୱର ପ୍ରଧାନ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମବାୟ ସମିତିର ସଭାପତି ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ସମବାୟ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ଜୀବନକୃଷ୍ଣ ଦାସ ଓ ପ୍ରାକ୍ତନ ବୋର୍ଡ଼ ସଦସ୍ୟ ସ୍ୱର୍ଗତ ଗୌରମୋହନ ସିଅଳଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରିବା ପରେ ବାଲେଶ୍ୱର ଡାକ ଅଧୀକ୍ଷକ ତାପସ କୁମାର ଦାଶ ପ୍ରଦୀପ ଜାଳି ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଡାକ ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୫-୨୬ର ବାର୍ଷିକ ବିବରଣୀ ଓ ଆୟବ୍ୟୟର ଆର୍ଥିକ ଅଟକଳ ଉପସ୍ଥାପନ କରିବାପରେ ତାହା ଅନୁମୋଦନ ଲାଭ କରିଥିଲା। ୨୦୨୨-୨୩ ଠାରୁ ଅଡ଼ିଟ୍ ହୋଇନାହିଁ ବୋଲି ସଂପାଦକ ପ୍ରକାଶ କରିବା ପରେ ଆଜି ସାଧକାରଣ ସଭାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଶୀଘ୍ର କରାଇନେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ସମସ୍ତ




ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେଇ ସମିତିକୁ ଆଗେଇ ନେବାପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ଭଦ୍ରକ, ଜଳେଶ୍ୱର ଓ ବାଲେଶ୍ୱରର ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବାଲେଶ୍ୱର ଡାକବିଭାଗର ଅଧ୍ୟକ୍ଷ ତାପସ କୁମାର ଦାସ, ଭଦ୍ରକ ପ୍ରାକ୍ତନ ଡାକ ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ମହାନ୍ତି, ସମ୍ବଲପୁରର ଡାକ ଅଧ୍ୟକ୍ଷ ବସନ୍ତ କୁମାର ସିଂହ, ବାଲେଶ୍ୱର ଏସ୍.ଆର.ସି.ଏସ୍ ଗୋପବନ୍ଧୁ ଦାସ, ବରିଷ୍ଠ ସଭ୍ୟ ନିରଞ୍ଜନ ରାଉତ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଢ଼ିଆରୀ ପ୍ରମୁଖ ମଞ୍ଚାସୀନ ହୋଇ ସମବାୟ ସମିତିର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ବାଲେଶ୍ୱର ସମବାୟ ସମିତିର ନିଜର କାର୍ଯ୍ୟ ଓ ସୁପରିଚାଳନା ପାଇଁ ବାଲେଶ୍ୱର ଜିଲ୍ଲା ସମବାୟ ସମିତି ଦ୍ୱାରା ୨୦୨୩-୨୪ ପାଇଁ ଦ୍ୱିତୀୟ ସ୍ଥାନ ଲାଭ କରି ଟ୍ରଫି ଓ ପ୍ରମାଣପତ୍ର ପାଇଛି ବୋଲି ସଂପାଦକ ସଭାରେ ସୂଚନା ଦେଇଥିଲେ। ସେଥିପାଇଁ ସମସ୍ତ ସଭ୍ୟ, ସଭ୍ୟା ଓ ମେନେଜ୍‌ମ୍ୟାଣ୍ଟ୍‌କୁ ସାଧୁବାଦ ଜଣାଇଥିଲେ। ଏହି ଉତ୍ସବରେ ବରିଷ୍ଠ ସଦସ୍ୟ ନିରଞ୍ଜନ ରାଉତ ଓ ଏସ୍‌ଆରସିଏସ୍ ଗୋପବନ୍ଧୁ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସେମାନଙ୍କର ମାନପତ୍ରକୁ ବୋର୍ଡ଼ର ସଭ୍ୟ କାର୍ତ୍ତିକ ଚନ୍ଦ୍ର ଦାସ ପାଠ କରିଥିବାବେଳେ ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଢ଼ିଆରୀ, ହରିହର ଭୂୟାଁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥବଲେ। ଏହି ବୈଠକରେ ୧୫ଜଣ ବୋର୍ଡ଼ ସଭ୍ୟ, ସଭ୍ୟା ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ଜାନା, ରାଜେନ୍ଦ୍ର କୁମାର ମଲ୍ଲିକ, ଆଶୁତୋଷ ଜେନା, ବୁଦ୍ଧିରାମ ସିଂ, ଜୟଦେବ ପରିଡ଼ା, ପ୍ରସନ୍ନ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ସାହୁ, ଗଦାଧର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ କୁମାର ପଣ୍ଡା, ମନୋଜ କୁମାର ମଲ୍ଲିକ, ଦ୍ୱୈପାୟନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମିତିର ଉପସଭାପତି ରତ୍ନପ୍ରଭା ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୧୦୨୫ କିଲୋଗ୍ରାମ ଗଞ୍ଜେଇ ଜବତ: ଜଣେ ଗିରଫ

ମାଲକାନଗିରି, ୨୨/୨ (ନି.ପ୍ର): ଗତକାଲି ସନ୍ଧ୍ୟା ସମୟରେ ଏମଭି ୭୯ ପୋଲିସ ଟିମ ପାଟ୍ରୋଲିଂ କରୁଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ, ୩୨୬ନମ୍ବର ଜାତୀୟ ରାଜପଥର ଏମଭି ୯୬ ଛକରେ ଗୋଟିଏ ଗଞ୍ଜେଇ ଗାଡିକୁ ଧରିଥିଲେ । ସେଥିରେ ୪୧ଟି ପ୍ଲାଷ୍ଟିକ୍ ବସ୍ତାରେ ଥିବା ୧୦୨୫ କିଲୋଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଗୋଟିଏ ଅଶୋକ ଲିଲାଣ୍ଡ (କଂଟେନର )ମାଲବାହୀ ଟ୍ରକ ଏବଂ ରାଜସ୍ଥାନ ରାଜ୍ୟର ଜଣେ ଅଭିଯୁକ୍ତ ଝାବର ସିଂହଙ୍କୁ ଗିରଫ କରିଥିଲେ। ତଦନ୍ତ ସମୟରେ ଏହା ଜଣାପଡ଼ିଛି ଯେ, ଅଭିଯୁକ୍ତ ଅଧିକ ଲାଭ ପାଇଁ ତେଲେଙ୍ଗାନା ରାଜ୍ୟକୁ ଉକ୍ତ ଗଞ୍ଜେଇ ଚାଲାଣ କରୁଥିଲା । ଏହି ଚୋରା ଚାଲାଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି ବୋଲି ଏମଭି ୭୯ ଥାନା ଅଧିକାରୀ ପୂର୍ଣ୍ଣିମା ଟେଟେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏମଭି -୭୯ ଥାନା କେସ୍ ନଂ-୨୯/ ୨୦୨୬ ତାରିଖ ୨୧.୦୨.୨୦୨୬ ଅଣ୍ଡର ସେକ୍ସନ -୨୦(ବି)(ଆଇ ଆଇ)(ସି)/୨୭-ଏ/୨୯ ଏନ ଡି ପି ଏସ ଆକ୍ଟ ରେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ଉନତ୍ରିଂଶତମ ବାର୍ଷିକ ସାଧାରଣ ଅଧିବେଶନ

ବାଲେଶ୍ୱର, ୨୨/୨ (ନି.ପ୍ର): ବାଲେଶ୍ୱର ଗାନ୍ଧୀସ୍ମୃତି ଭବନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୧୬ଟି ଶାଖା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ସମସ୍ତଙ୍କ ସହଯୋଗରେ ସେଗୁଡ଼ିକର ସମାଧାନ ସହିତ ଜିଲ୍ଲା ସଂଘକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିବାବେଳେ ଉପଦେଷ୍ଟା ବସନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହାପରେ ବାର୍ଷିକ ସାଧାରଣ ଅଧିବେଶନକୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ଶ୍ରୀଯୁକ୍ତ ନିହାର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଡାକ ସେବାବୋର୍ଡ଼ର ଅବସରପ୍ରାପ୍ତ ସଦସ୍ୟ ଓ ପୂର୍ବତନ ମୁଖ୍ୟ ମହାଡାକପାଳ, ଓଡ଼ିଶା, ଡ. ସନ୍ତୋଷ କୁମାର କାମିଳା, ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ନିହାର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିକାଶ ବିଭାଗର ଜାତୀୟ ସେବାସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍, ଅନ୍ୟତମ ସମ୍ମାନୀତ ଅତିଥି 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ବ୍ୟୁରୋମୁଖ୍ୟ ଶ୍ରୀଯୁକ୍ତ କୁଳମଣି ବାରିକ ଯୋଗ ଦେଇଥିଲେ। ଅତିଥିବୃନ୍ଦଙ୍କ ଦ୍ୱାରା ସଂଘର ବାର୍ଷିକ ମୁଖପତ୍ର 'ଉତ୍ତରାୟଣ' ଓ ସଦସ୍ୟ ଗୌରଚନ୍ଦ୍ର ଭୂୟାଁଙ୍କ କବିତା ସଂକଳନ 'ମୋ ଦେହେ ଲେପ ହେ ଅଗୁର ଚନ୍ଦନ' ଉନ୍ମୋଚିତ ହୋଇଥିଲା। ବାଲେଶ୍ୱର ଅବସରପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସେବା ସହିତ ଅବସର ପରେ ସେମାନଙ୍କ ଅନୁଭୂତି ଓ ଅନୁଭବକୁ ଜନହିତୈଷୀ କାର୍ଯ୍ୟରେ ଲଗାଇ ପାରୁଥିବାରୁ ଅତିଥିବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ। ଉପସଭାପତି ସୁଦର୍ଶନ ଦାସ ମଞ୍ଚଆହ୍ୱାନ ଓ ମଞ୍ଚ ସଞ୍ଚାଳନ କରିଥିବାବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବାବେଳେ କଲ୍ୟାଣୀ ନନ୍ଦ ଓ ତାଙ୍କର ସାଥୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ପ୍ରତିମା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଘ ତରଫରୁ ବିଶିଷ୍ଟ ବ୍ୟକ୍ତି ଅନନ୍ତ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ବେଣୁଧର ପାଳ, ରବିନାରାୟଣ ଚୌଧୁରୀ, ଗୋପବନ୍ଧୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ ଓ କ୍ରୀଡ଼ାବିତ୍ ମେରି ସୋରେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଉପଦେଷ୍ଟା ଜ୍ଞାନେନ୍ଦ୍ରନାଥ ସାହୁ, ବୀରେନ୍ଦ୍ର ମହାନ୍ତ, ଯୁଗ୍ମସମ୍ପାଦକ ରବୀନ୍ଦ୍ର ମହାନ୍ତି ଓ ସାବିତ୍ରୀ ଦାସ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନା ରାୟ, ରୀତା ରାୟ, ଗୀତାଞ୍ଜଳି ଶତପଥୀ, ପ୍ରଭାତୀ ସେଠୀ, ଲଲାଟେନ୍ଦୁ ମହାନ୍ତି, ନରେଶ ଦାଶ, ଗୌରପ୍ରିୟ ମିଶ୍ର, ରବିନାରାୟଣ ବେହେରା, ଦୟାନିଧି ମହାପାତ୍ର, ଗୋବିନ୍ଦ ମାଝୀ, ହିମାଂଶୁ ଦାସ, ଦିପ୍ତୀଲତା ଦାସ, ପ୍ରଣିତା ମିଶ୍ର, ବାସନ୍ତୀ ଦେ, ହେମନ୍ତ ଜେନା, ରବିନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ, କ୍ଷେତ୍ରମୋହନ ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, ଅନୁପ ଆଚାର୍ଯ୍ୟ, ରବିନାରାୟଣ ପାତ୍ର, କେଶବ ମହାନ୍ତି, ଡ. ତାରାକାନ୍ତ ନନ୍ଦ, ନରେନ୍ଦ୍ର ପୁହାଣ, ରବୀନ୍ଦ୍ର ପାଣି, ସତ୍ୟ ନାରାୟଣ ନାୟକ, ଗିରିଜା ଆଚାର୍ଯ୍ୟ, ଲକ୍ଷ୍ମଣ ବିଶ୍ୱାଳ, ଗିରିଜା ଦାସ, ଶଶାଙ୍କ ଦତ୍ତ, ସଞ୍ଜୟ ପଣ୍ଡା (ଖ), ପୁରୁଷୋତ୍ତମ ବେହେରା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଇଂ. ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

# ନାଗରିକ ସୁରକ୍ଷା ଅଧିକାର ବାଲେଶ୍ୱର ଶାଖା ପକ୍ଷରୁ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ

ଭୁବନେଶ୍ୱର, ୨୨/୨ (ନି.ପ୍ର): ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ବର୍ଷବ୍ୟାପି କାର୍ଯ୍ୟକ୍ରମ ଜାରି ରଖିଛି । ଏହି କ୍ରମରେ ବିଏମ୍ ସି ଅଂଚଳରେ ବିଭିନ୍ନ ଆବାସିକ ସଂଗଠନଗୁଡିକୁ ପରିମଳ କାର୍ଯ୍ୟରେ ସହଭାଗିତା ପାଇଁ ପ୍ରୟାସ ଜାରି ରିଖିଛି । ବିଏମ୍ ସି ଅନୁବନ୍ଧିତ ଶହ ଶହ ଆବାସିକ ସଂଗଠନ ମଧ ନିଜ ନିଜ ଅଂଚଳରେ ସ୍ୱଚ୍ଛତା ରକ୍ଷା ପାଇଁ ସେମାନଙ୍କର ପ୍ରୟାସ ଜାରି ରଖିଛନ୍ତି । ଆବାସିକ ସଂଗଠନଗୁଡିକୁ ସକ୍ରିୟ ରଖିବା ସହ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫିଡ୍ ବ୍ୟାକ୍ ଫାଉଣ୍ଡେସନ, ବିକାଶ ଏବଂ ବେସିକ୍ସ ମ୍ୟୁନିସପାଲ ୱେଷ୍ଟ ଭେଣ୍ଟର ସେମାନଙ୍କର ଆଇଇସି କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ବେସିକ୍ସ ୧୭୩ ଆବାସିକ ସଂଗଠନରେ ଆଇଇସି କାର୍ଯ୍ୟକ୍ରମ କରିବା ସହ ଏହାର ସଦସ୍ୟ ସଦସ୍ୟାଙ୍କୁ ସଚେତନ କରାଉଛି । ସେମାନେ ନିଜ ନିଜ ଅଂଚଳ ତଥା ପରିବେଶକୁ କିପରି ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବେ, ଲୋକମାନେ ସମସ୍ତେ କିପରି ନିଜ ଘରୁ ବର୍ଜ୍ୟକୁ ଅଲଗା ଅଲଗା କରି ଦେବେ । ଏଣିକି ଓଦା, ସୁଖିଲା, ସାନିଟାରୀ ନାପକିନ୍ ଓ ବିପଦପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟକୁ ଅଲଗା ଅଲଗା ୪ଟି ଡଷ୍ଟବିନରେ ରଖିବାକୁ ପଡିବ । ଆମ ଘର ବା ଆପାର୍ଟମେଂଟର ଚାରିପାଖରେ ବୃକ୍ଷ ରୋପଣ କରିବା ଆଦି ସଂପର୍କରେ ସଚେତନ କରାଉଛନ୍ତି । ଆବାସିକ ସଂଗଠନର କର୍ମକର୍ତ୍ତା, ସଦସ୍ୟ, ସଦସ୍ୟା, ଆପାର୍ଟମେଂଟ ବାସିନ୍ଦା ଆଦି ସମସ୍ତେ ଯେପରି ସ୍ୱଚ୍ଛତା ବଜାୟ ରଖିବା ପାଇଁ ବିଏମ୍ ସିକୁ ସହାୟତାର ହାତ ବଢାଇବେ, ସହଯୋଗ କରିବେ ଏବଂ ସେହିମାନଙ୍କ ସହଭାଗିତାରେ ସହରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରଖିଛି ବିଏମ୍ ସି । ସେହିପରି ଫିଡ୍ ବ୍ୟାକ୍ ୨୫୦ ଗୋଟି ଆବାସିକ ସଂଗଠନ ଏବଂ ବିକାଶ ୨୧୬ ଗୋଟି ଆବାସିକ ସଂଗଠନର ଦାୟିତ୍ୱ ନେଇଛନ୍ତି ।

# ଅଲଚିକି ଭାଷା ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କର ସମ୍ବର୍ଦ୍ଧନା

ବାଲିଆପାଳ , ୨୨/୨ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ଡ଼ ଭୀମ ରାଓଆମ୍ବେଦକର ସମ୍ମିଳନୀ କକ୍ଷରେ ସାନ୍ତାଳୀ ଭାଷା ଦ'ଅଲିଚିକିଦ' ଲିପିର ଶତବାର୍ଷିକୀ ସମାରୋହ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପ୍ରାଥମିକ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାକ୍ଷୀନ ମୁର୍ମୁଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧନା କରିଛନ୍ତି । ଶ୍ରୀ ମୁର୍ମୁ ଜଣେ ଏକାଧାରରେ ଶିକ୍ଷକ, ସମାଜସେବୀ ଏବଂ ନିଜର ମାତୃଭାଷା ଅଲଚିକିର ପ୍ରଚାର ପ୍ରସାର କରି ଆଦିବାସୀ ସାନ୍ତାଳୀ ସମାଜର ଜନ ମାନସରେ ବିଭିନ୍ନ ଦିଗରେ ଦିଗଦର୍ଶନ ଦେଇ ଅଲଚିକି



ଲିପି ର ଶିକ୍ଷାକୁ ଉଜ୍ଜୀବିତ ରଖିବାର ପ୍ରୟାସ କରୁଥିବା ରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଶ୍ରୀ ମୁର୍ମୁ ୨୦୦୧ ମସିହାରୁ ରାଇରଙ୍ଗପୁର ଠାରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହା ବ୍ୟତୀତ ଦୀର୍ଘ ୨୬ ବର୍ଷ ଧରି ଡିଗିରିପାହି ଠାରେ ଥିବା ଅଲଚିକି ଅନୁଷ୍ଠାନରେ ଛୁଟି ଦିନ ମାନଙ୍କରେ ଶିକ୍ଷାଦାନ କରନ୍ତି । ଏହି ସଫଳତା ହାସଲ କରିବା ପରେ ତାଙ୍କ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ହେଲା ବିବି ବିଶ୍ୱାଳଙ୍କ ୮୪ ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ

ଜଳେଶ୍ୱର, ୨୨/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ସଂସ୍କୃତିଭବନ ପରିସରରେ ଛାତ୍ର ବତ୍ସଳ ଶିକ୍ଷାଗୁରୁ, ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ନିଷ୍ଠାପର ସାଧକ,ବିଶିଷ୍ଟ ସାରସ୍ୱତ ସାଧକ,ପ୍ରାକ୍ତନ କଲେଜ ଅଧ୍ୟକ୍ଷ,ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରାଣ ପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳଙ୍କ ୮୪ ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିନନ୍ଦନ ଉତ୍ସବରେ ଅଭିନନ୍ଦନ କମିଟିର ସଭାପତି ଡ.ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିଲେ ।ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ 'ସ୍ୱପ୍ନଦୀପ' ର ସଂପାଦକ ତଥା




ପ୍ରାକ୍ତନ ଅଧ୍ୟକ୍ଷ ଡ.କାଳିକିଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପିପିଲି ମହାବିଦ୍ୟାଳୟ ର ପ୍ରାଧ୍ୟାପକ ଡ. ଦୟାନିଧି ସାହୁ,ଅଭିନନ୍ଦନ କମିଟିର ସଂପାଦକ କବି ବ୍ରଜେନ୍ଦ୍ର ନାଥ ଗିରି, ଦୀନକୃଷ୍ଣ ସ୍ମୃତି ପରିଷଦର ଉପ ସଭାପତି ଡ.ଅଜିତ କୁମାର ମାହାନ୍ତି, ଜିଲ୍ଲା ପରିଷଦ ଉପସଭାପତି ଅନୁଷୟା ପ୍ରଧାନ, ନାଟ୍ୟକାର ଡା.ପଦ୍ମଲାଭ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।କବି ନରୋତ୍ତମ ପ୍ରଧାନ,କବି ସୁଶୀଲ କୁମାର ମାହାନା, ଶିକ୍ଷକ ନେତା ଜ୍ୟୋତିଷ ଚନ୍ଦ୍ର କର, କବି ବଂଶୀଧର ବାରିକ, ଡ.ରଜନୀ କାନ୍ତ ଭୂୟାଁ, ବସନ୍ତ ଦାସ, ରାମଚନ୍ଦ୍ର ସିଂହ, ରବିନାରାୟଣ ମିଶ୍ର, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ, ଲେଲିନ କୁମାର ପ୍ରଧାନ, ଯତୀନ୍ଦ୍ର ନାଥ ମହାନ୍ତି, ତାରାପଦ ମାହାନ୍ତି, ଶରତ ଚନ୍ଦ୍ର ପରିଡା, ଶୁଶାନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୌଭାଗିନି ମିଶ୍ର, ସ୍ୱର୍ଣ୍ଣଲତା ସେଠୀ, ଗଣେଷ ଚନ୍ଦ୍ର ପରିଡା, ମହେଶ୍ୱର ପ୍ରଧାନ, ମଧୁସୂଦନ ଦତ୍ତ ପ୍ରମୁଖ ଯୋଗଦେଇ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପଣ୍ଡିତ ରବିନାରାୟଣ ମିଶ୍ର ବେଦପାଠ କରିଥିଲେ । ଶେଷରେ ଇଂରାଜୀ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଇତିହାସ ବିଭାଗର ଅଧ୍ୟାପିକା ସୁଜାତା ରାଣୀ ଦାସ, ରାମକୃଷ୍ଣ ଜେନା, ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ୭୦କେଜି ଗଞ୍ଜେଇ, ଟାଟା ଟିଗୋର ଗାଡ଼ି ସହ ଜଣେ ଗିରଫ

ଖୋର୍ଦ୍ଧା, ୨୨/୨ (ନି.ପ୍ର): ଚୋରା ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ପୋଲିସ ଜଣକୁ ଗିରଫ କରିଛି । ଗିରଫ ବେପାରୀ ଜଣକ ହେଲା କନ୍ଧମାଳ ଜିଲ୍ଲା ବିସିପଡ଼ା ଥାନା ତଳପଡା ଲୁହୁରା ସାହିର ଶ୍ରୀନିବାସ ବିନ୍ଧାଣି ପୁଅ ଆଲୋକ ବିନ୍ଧାଣି(୨୨) । ତାଠାରୁ ଅବକାରୀ ବିଭାଗ ପୋଲିସ ୭୦କେଜି ଗଞ୍ଜେଇ, ଗୋଟିଏ ଟାଟା ଟିଗୋର ଗାଡ଼ି, ଗୋଟିଏ ମୋବାଇଲ ସହ ନଗଦ ୧ହଜାର ଟଙ୍କା ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ହେବ । ଅବକାରୀ ବିଭାଗ ପୋଲିସ ସୁଚନା ମୁତାବକ ଗତକାଲି ରାତିରେ ୫୭ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ଅଭିମୁଖେ ଏକ ଟାଟା ଟିଗୋର ଗାଡ଼ିରେ ୭୦କେଜି ଗଞ୍ଜେଇ ଭର୍ତି ଗାଡ଼ି ଯାଉଥିବା ନେଇ ଏକ ବିଶେଷ ସୁତ୍ରରୁ ଖବର ପାଇ ସାରୁଅ ଶୁଖୁଆ ବଜାର ଅଂଚଳରେ ଚଢ଼ାଉ କରିଥିଲା ।

# ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସମସ୍ତ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା

ଭଦ୍ରକ , ୨୨/୨ (ନି.ପ୍ର): ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରିସାରିଥିବା ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଚଳିତ ବର୍ଷ ଶ୍ରୀରାମ ନବମୀ ଦିନ ଅତି ଆକର୍ଷଣ ପାଲଟି ଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ଉଦ୍ଦେଶ୍ୟରେ ସମସ୍ତ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା ଏକ ପ୍ରେସ ବିବୃତିରେ ଜାରି କରିଛି । ନିର୍ଦ୍ଦେଶନାମା ଅନୁସାରେ ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିର ଭାଇବ୍ରେଟର ଲାଗିବ ନାହିଁ । ଯାହାକୁ ମାନ୍ୟବର ସୁପ୍ରିମକୋର୍ଟ ବ୍ୟାନ କରିଛନ୍ତି । ଉଭୟ ମେଢ଼ ଓ ସାଉଣ୍ଡ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେବୁଲରୁ ୧୪ ଫୁଟରୁ କମ ଏବଂ ଓସାର ୧୦ ଫୁଟରୁ କମ୍ ରହିବ । ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ଶ୍ରୀରାମ ଭକ୍ତ ସାତ୍ତ୍ୱିକ ଭୋଜନ ଗ୍ରହଣ କରିବାକୁ ଆଗ୍ରହ କରାଯାଇଛି । ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକରରୁ ବାହାରୁଥିବା ସମସ୍ତ ମେଢ଼ ନେହେରୁ ଷ୍ଟାଡିୟମରେ ଅପରାହ୍ନ ୩ ଟାରେ ଏବଂ ଅନ୍ୟାନ୍ୟ ବ୍ଲକ ଯଥାକ୍ରମେ ଖଇରା, ଚାନ୍ଦବାଲି, ଧାମନଗର, ତିହିଡ଼ି, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରୁ ବାହାରୁଥିବା ମେଢ଼ ଗୁଡ଼ିକ ନୂଆ ବସଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ନ ୩ ଟାରେ ପହଞ୍ଚିବେ । ପୁରୁଣାବଜାର ଆଡୁ ଆସୁଥିବା ମେଢ଼ ଗୁଡ଼ିକ ମୋଟୀ ଛକରେ ଅପରାହ୍ନରେ ୩ ଟାରେ ମିଶିବେ । ଭଦ୍ରକ କଲେଜ୍ ଛକ ଆଡୁ ଆସୁଥିବା ସମସ୍ତ ମେଢ଼ ବନ୍ତ୍ ଛକରେ ଅପରାହ୍ନ ୩ ଟାରେ ମିଶିବେ । ଅସ୍ଥଳ ମେଢ଼ ଟାଉନ ହଲ ଛକରେ ଅପରାହ୍ନ ୪ ଟା ଏବଂ କୁଆଁଶ ମେଢ଼ ଅପରାହ୍ନ ୪.୩୦ ମିନିଟରେ ଟାଉନ ଥାନା ଛକରେ ମିଶିବେ । ମଠସାହି ରାସ୍ତାରେ ଆସୁଥିବା ମେଢ଼ ଗୁଡ଼ିକ ଗୋ ଶାଳା ଛକରେ ଅପରାହ୍ନ ୪ ଟାରେ ମିଶିବେ । ସମସ୍ତ ସୂଚନା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ମେଢ଼ କମିଟିକୁ ଅବଗତ କରି ଦିଆଯାଉଛି । ଯଦି କୌଣସି ମେଢ଼ ନିର୍ଦ୍ଧାରିତ ନିର୍ଦ୍ଦେଶନାମାକୁ ଅବମାନନା କିମ୍ବା ଅବଜ୍ଞା କଲେ ଉକ୍ତ ମେଢ଼ କମିଟି କ୍ଷେତ୍ରରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଆମ ଗୌରବ ଆମ କଲେଜ : ୧୨ଟି ଉଚ୍ଚ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୨/୨ (ନି.ପ୍ର): ଆମ ଗୌରବ ଆମ କଲେଜ ଯୋଜନା ଅଧୀନରେ ରାଜ୍ୟରେ ଗୋଟିଏ ବିଶ୍ୱ ବିଦ୍ୟାଳୟ ଏବଂ ୧୧ଟି ମହାବିଦ୍ୟାଳୟର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ, ଆଗଲପୁର ପଂଚାୟତ ସମିତି (ଡିଗ୍ରୀ) ମହାବିଦ୍ୟାଳୟ, ରୋଥ, ବଲାଙ୍ଗୀର, ବିଜେପୁର (ଡିଗ୍ରୀ) ମହାବିଦ୍ୟାଳୟ, ବରଗଡ଼, ସାଲେପୁର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, କଟକ, ବିରେନ ମିତ୍ର ମେମୋରିଆଲ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ,କଟକ, ପଂଚାୟତ ଡିଗ୍ରୀ ମହାବିଦ୍ୟାଳୟ, କାଲା, ଦେଓଗଡ଼, ହିନ୍ଦୋଳ (ଡିଗ୍ରୀ) ମହାବିଦ୍ୟାଳୟ, ଢେଙ୍କାନାଳ, ମହିମା ଡିଗ୍ରୀ ମହାବିଦ୍ୟାଳୟ, ଝାରସୁଗୁଡ଼ା, ବେଲଗୁଣ୍ଠା ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ, ଗଞ୍ଜାମ, ନାକଟିଦେଉଳ ଡିଗ୍ରୀ ମହାବିଦ୍ୟାଳୟ, ସମ୍ବଲପୁର, ସରକାରୀ (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ ଏବଂ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ, ସୁନ୍ଦରଗଡ଼ ଆଦିର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଶୈକ୍ଷିକ ପ୍ରକଳ୍ପର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ । ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ସହ ପାଠାଗାର, ଲାବ୍ରୋଟୋରୀ, କ୍ରୀଡ଼ା ଓ ଆକାଡ଼େମିକ କମ୍ପ୍ଲେକ୍ସ ନିର୍ମାଣ, ୱାଇଫାଇ ସୁବିଧା ଉପଲବ୍ଧ କରାଇବା, ସିସିଟିଭି କ୍ୟାମେରା ଲଗାଇବା ଆଦି କାର୍ଯ୍ୟରେ ଏହି ଅର୍ଥକୁ ଖର୍ଚ୍ଚ କରାଯିବ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବାରିପଦା , ୨୨/୨ (ନି.ପ୍ର): ମୟୂରଭଞ୍ଜର ପ୍ରଜାବତ୍ସଳ ରାଜର୍ଷି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ ଆଜି ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ବାରିପଦା ମଧୁବନ ସ୍ଥିତ ମହାରାଜାଙ୍କ ସମାଧିପୀଠରେ ପାଳିତ ହୋଇଯାଇଛି । ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବର୍ଷୀୟାନ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲା, ଉଦୟ ନାଥ ଜେନା, ଶିକ୍ଷବିତ ନରେନ୍ଦ୍ର ମୋହନ ସେନାପତି, ପିତାମ୍ବର ମଲ୍ଲିକ, ସାମ୍ବାଦିକ ସୁକାନ୍ତ କୁମାର



ଜୀଉ, ସୟେଦ ସିରାଜୁଦ୍ଦିନ, ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସ୍ମୃତିଚାରଣ କରି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ନବ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣି ଥିଲେ । କେବଳ ମୟୂରଭଞ୍ଜ ପାଇଁ ନୁହେଁ, ସାରା ଓଡିଶା ତଥା ଭାରତବର୍ଷର ବିକାଶ ପାଇଁ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ବୋଲି କହିଥିଲେ ।

# ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା- ୨୦୨୬ ଶୁଭ ଉଦ୍‌ଘାଟିତ

ବାଲେଶ୍ୱର , ୨୨/୨ (ନି.ପ୍ର): ସ୍ଥାନୀୟ ଆଇ. ଟି.ଆଇ. ପଡିଆରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ଓ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯାଇଅଛି । ଏହି ମେଳା କୁ ମାନ୍ୟବର ସଦର ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀଯୁକ୍ତ ସୁଧାକର ନାୟକ,ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶ୍ରି ମାଳବ୍ୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ଏବଂ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା




ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଥିଲେ ।ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଧୂପ ଦୀପ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।ଏହିପରି ମେଳା ସମଗ୍ର ରାଜ୍ୟରେ ଅନୁଷ୍ଠିତ କରାଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ମଧ ଏହି ମେଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ମେଳାରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ଉଦ୍ୟଗି ମାନଙ୍କ ଉତ୍ପାଦକ ଗୁଡ଼ିକୁ ବିକ୍ରୟ ନିମନ୍ତେ ସୁଯୋଗ ସୃଷ୍ଟି ମେଳା ବା ବଜାର ଆୟୋଜନ କରାଯାଇଛି ।ଏହି ଉତ୍ପାଦ ଗୁଡ଼ିକୁ ସହରୀ ରୁଚି ଓ ପସନ୍ଦକୁ ଦୃଷ୍ଟିରେ ରଖି ବିକ୍ରୟ ସୁଯୋଗ ସୃଷ୍ଟି କରାଯାଇଛି ।ଏଥିରୁ ଲବ୍ଧ ଅର୍ଥ ନିଜେ ସ୍ୱାବଲମ୍ବୀ ହେବା ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହେବାର ସହାୟକ ହେବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ସ୍ୱାଗତ ଅଭିଭାଷଣରେ କହିଥିଲେ ।ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ମାନ୍ୟବର ସଦର ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଏହି ମେଳାର ଆଭିମୁଖ୍ୟ ସ୍ପଷ୍ଟ କରି ଥିଲେ କି ଭାରତ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂର ପାଇଁ ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରଦାନ ମାଧ୍ୟମରେ ଗ୍ରାମୀଣ ସ୍ୱଂୟ ସହାୟକ ଗୋଷ୍ଠୀ,କୁଟୀର ଶିଳ୍ପ, ହସ୍ତ ତନ୍ତ କାରିଗର ମାନଙ୍କ ଉତ୍ପାଦ ଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ ବ୍ୟବସ୍ଥା ବଜାର ସଂଯୋଗ କରିବା ।ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱଦେଶୀ ଗ୍ରାମୀଣ ଉତ୍ପାଦକ ପ୍ରଚାର ପ୍ରସାର ପ୍ରଦର୍ଶନ ଏବଂ ବିକ୍ରୟ ସହିତ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ଏବଂ ବିକଶିତ ଓଡ଼ିଶା ବିକଶିତ ଭାରତର ଆହ୍ୱାନ ସଫଳ କରିବା ।ଏହି ଉଦ୍ଘାଟନୀ ଉତ୍ସବରେ ଆୟୋଜିତ ସଭାରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଡ.ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ସମେତ ସମସ୍ତ ବରେଣ୍ୟ ଅତିଥି ଏବଂ ସୁଭଦ୍ରା ମେଳାରେ ସାମିଲ ହୋଇ ଥିବା କର୍ମକର୍ତ୍ତାଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଂରାଜୀ ମିଡିୟମ ସ୍କୁଲ ସତ୍ୟସାଇ ବିଦ୍ୟା ବିହାର ଉଦ୍‌ଘାଟିତ

ବାସୁଦେବପୁର, ୨୨/୨ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ଯାଦବ କଲୋନୀ ପରିସରରେ ନୂତନ ଭାବେ ଆବାସିକ ଇଂରାଜୀ ମିଡିୟମ ସ୍କୁଲ ସତ୍ୟସାଇ ବିଦ୍ୟା ବିହାର ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରାଧ୍ୟାପକ ଓ କବି ଭାଗୀରଥି ପଲେଇ ସଭାପତିତ୍ୱ କରିଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍କୁଲକୁ ଉଦଘାଟନ କରି ତାଙ୍କ ବକ୍ତବ୍ୟରେ କହିଲେ ଯେ ଆଜିର ଛାତ୍ର ଛାତ୍ରୀ ମାନେ ଦେଶର ଭବିଷ୍ୟତ । ତେଣୁ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଆମ ପିଲା ମାନେ ଠିକ୍ ପାଠ ପଢି ଦେଶ ଗଠନରେ ମୁଖ୍ୟ ଭୂମିକା ତୁଲାଇ ପାରିବେ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ କବି ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର




ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ରତ୍ନାକର ବାରିକ୍, କବି ସଦାନନ୍ଦ ପାଣିଗ୍ରାହୀ,ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା,ସ୍କୁଲର ଅଧ୍ୟକ୍ଷ ନିତ୍ୟାନନ୍ଦ ବେହେରା । ଏହି ଉତ୍ସବରେ କବି ରବୀନ୍ଦ୍ର କୁମାର ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ । ଏହି ବିଦ୍ୟାଳୟର ମୁଖ୍ୟ ଉଦ୍ୟୋକ୍ତା ହୃଷୀକେଶ ଡ଼ାଙ୍ଗୁଆ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ଏଲ କେ ଜି ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ପାରିବେ । ଖୁବ୍ ଦକ୍ଷ ଓ ଅଭିଜ୍ଞ ଶିକ୍ଷକ ମାନଙ୍କ ଦ୍ୱାରା ଏଠାରେ ପାଠ ପଢା ଚାଲିଛି । ଏହି ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# 'ଅପରେସନ ସାଇବର କବଚ': ୩୬୨୫ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ଯାଂଚ, ୧୮୭ଜଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨/୨ (ନି.ପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଦଶମ ଦିନରେ ଜୋରଦାର ଭାବେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଂଚ ଏହି ସମଗ୍ର ଅପରେସନର ସମନ୍ୱୟ ରକ୍ଷା କରୁଛନ୍ତି । ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୩,୬୨୫ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି । ମୋଟ ୨୭୫ଟି ମ୍ୟୁଲ୍ ଆକାଉଂଟ ସମ୍ପର୍କିତ ମାମଲା, ୮ଟି ଚେକ୍ ଉଠାଣ ମାମଲା ଏବଂ ୭ଟି ନକଲି ସିମ୍ ଚକ୍ରାନ୍ତ ଯାଂଚ ସମ୍ପର୍କିତ ମାମଲା ରୁଜୁ ହୋଇଛି । ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୧୮୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧,୦୭୫ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଂଟଧାରୀଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida